# ମହିଳାମାନଙ୍କ ବିରୁଦ୍ଧରେ ହିଂସା ସମ୍ପର୍କୀତ ବିଧିବିଧାନ



WORD

people unlimited
Hivos

# ମହିଳାମାନଙ୍କ ବିରୁଦ୍ଧରେ
# ହିଂସା ସମ୍ପର୍କୀତ ବିଧିବିଧାନ

## WOMEN ORGANISATION FOR RURAL DEVELOPMENT

WORD

people unlimited
Hivos

**ଲେଖକ**

ଚିତ୍ତ ବେହେରା, କଟକ

**ପ୍ରକାଶକ**

ଶ୍ରୀମତୀ ପ୍ରମିଳା ପଣ୍ଡା

ୱାର୍ଡ୍, କେନ୍ଦୁଝର

**ସହାୟତା**

ହିଭୋସ୍, ବାଙ୍ଗାଲୋର

**ମୁଦ୍ରଣ**

ଜେ.କେ.ପ୍ରିଣ୍ଟର୍ସ,

ବଅଁରପାଳ, ଅନୁଗୋଳ

ସସ୍କରଣ : ଜାନୁୟାରୀ- ୨୦୦୬

ମୁଦ୍ରଣ ସଂଖ୍ୟା- ୨୦୦ ଖଣ୍ଡ

ସହାୟତା ରାଶି - ୫୦.୦୦

Author
Chitta Behera, Cuttack

Publisher
Smt. Pramila Panda
WORD, Keonjhar

Supported by :
Hivos, Bangalore

Printed by :
J.K. Printers
Banarpal, Angul
Edition : January -2006

Copy - 200 Pcs.
Subscription Price - Rs. 50/-

©WORD

# ମୁଖବନ୍ଧ

ନାରୀ ସମାଜ ଗଠନର ଏକ ମୁଖ୍ୟ ଅଙ୍ଗ ଅଟେ । ନାରୀବିନା ସଂସାର ରଥ ଆଗକୁ ଗତି କରିପାରିବନାହିଁ। ଅତୀତରେ ସମାଜରେ ନାରୀଙ୍କୁ ଉଚ୍ଚ ଆସନରେ ବସାଯାଉଥିଲା। ନାରୀଙ୍କୁ ସମାଜ ଭିନ୍ନଭିନ୍ନ ରୂପରେ ଦେଖିଥାଏ ଯଥା ମାତା, ଭଗିନୀ, ଜାୟା ।

ସାଂପ୍ରତିକ ସମାଜ ଆଧୁନିକତାର ଚାକଚକ୍ୟରେ ବୁଡିରହି ନାରୀଙ୍କୁ ଯେଉଁ ଆସନରେ ବସାଇବା କଥା ତାହା ଭୁଲିଗଲାଣି । ଯାହାଦ୍ୱାରା ସାଂପ୍ରତିକ ସମାଜରେ ବିଭିନ୍ନ ପ୍ରକାର ଅମାନୁଷିକ କାର୍ଯ୍ୟ ଘଟିଚାଲିଛି । ଏ ସମାଜରୁ ନାରୀଙ୍କୁ ତାର ହକ୍ ବା ଅଧିକାର ମିଳିପାରୁନାହିଁ । ଓ୍ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକୁ ୧୯୯୨ ମସିହାରୁ ଦ୍ୱରାନିଦ୍ଧ କରି ଆସୁଅଛି ଏବଂ ମହିଳା ଅଧିକାର ଉପରେ କାର୍ଯ୍ୟ କରୁଅଛି । ମହିଳା ଅଧିକାର ଓ ଆଇନ୍ ସମ୍ବନ୍ଧୀୟ ଧାରଣା ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ପୁସ୍ତକଟି ମୁଦ୍ରଣ କରାଯାଇ ପ୍ରସାର କରିବାର ପ୍ରୟାସ କରିଅଛି । ପୁସ୍ତକଟିର ପ୍ରକାଶନ ପାଇଁ ଆର୍ଥିକ ସାହାଯ୍ୟ କରିଥିବା ଅନୁଷ୍ଠାନ। Hivos, Bangalore ର ସମସ୍ତ କର୍ମକର୍ତ୍ତାଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦେଉଅଛି ।

ପୁସ୍ତକଟିର ଅଳଙ୍କରଣ ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିବା ତଥା ଅନୁଷ୍ଠାନର ହିତାକାଂକ୍ଷୀ ବନ୍ଧୁ ଶ୍ରୀଯୁକ୍ତ ଚିତ୍ତ ବେହେରାଙ୍କୁ ଅଶେଷ ଧନ୍ୟବାଦ । ଆଶାକରୁଛି ଏହି ପୁସ୍ତକଟି ପାଠକରି ପାଠକ ସମାଜଗଠନରେ ଦିଗ୍‌ଦର୍ଶକ ହୋଇପାରିଲେ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ସାଧିତ ହେବ ।

ଶ୍ରୀମତି ପ୍ରମିଳା ପଣ୍ଡା
ସଂପାଦିକା, ଓ୍ୱାର୍ଡ, କେନ୍ଦୁଝର

# ମହିଳାମାନଙ୍କ ବିରୁଦ୍ଧରେ ହିଂସା ସଂପର୍କୀତ ବିଧିବିଧାନ

## -ସୂଚୀପତ୍ର-


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ପୃଷ୍ଠଭୂମି | ୧ |
| ୨. | ସମ୍ବିଧାନରେ ମହିଳା ଅଧିକାର | ୩ |
| ୩. | ପ୍ରାକ୍-ସ୍ୱାଧୀନତା ଯୁଗରେ ମହିଳାମାନଙ୍କ ପାଇଁ ପ୍ରଣୀତ ପ୍ରଗତିଶୀଳ ଆଇନ୍‌ସମୂହ | ୬ |
| ୪. | ସ୍ୱାଧୀନୋତ୍ତର କାଳରେ ପ୍ରଣୀତ ମହିଳା-ସଂପର୍କୀତ ଆଇନ୍‌ସମୂହ: | ୮ |
| ୫. | ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା | ୧୧ |
| ୬. | ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ | ୧୩ |
| ୧୦. | ମାଗଣା ଆଇନ୍ ସହାୟତା | ୨୦ |
| ୨୨. | ଯୌତୁକ ନିରୋଧ ଆଇନ୍, ୧୯୬୧ | ୨୩ |
| ୨୪. | ଲିଂଗ ନିରୁପଣ ନିରୋଧ ଆଇନ୍ ୧୯୯୪ | ୨୮ |
| ୩୦. | କେଶ୍ ଦାଏର୍ ପ୍ରଣାଳୀ | ୩୪ |
| ୩୧. | ଅଭିଯୁକ୍ତ ଓ ଅପରାଧୀ ମହିଳାର ଅଧିକାର | ୩୯ |
| ୩୨. | କେଶ୍‌ର କାର୍ଯ୍ୟବିଧି ପ୍ରକ୍ରିୟା | |

# ମହିଳାମାନଙ୍କ ବିରୁଦ୍ଧରେ ହିଂସା ସଂପର୍କୀତ ବିଧିବିଧାନ

## ପୃଷ୍ଠଭୂମି

ଜାତୀୟ ଅପରାଧ ପରିସଂଖ୍ୟାନ ସଂସ୍ଥା (ନାସନାଲ୍ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋ)ରୁ ପ୍ରାପ୍ତ ତଥ୍ୟରୁ ଜଣାଯାଏ ଯେ, ଭାରତବର୍ଷରେ ପ୍ରତି ୨୬ ମିନିଟ୍‌ରେ ଜଣେ ମହିଳା ହିଂସାର ଶୀକାର ହେଉଛି, ପ୍ରତି ୪୬ ମିନିଟ୍‌ରେ ଜଣେ ମହିଳା ଯୌନଗତ ଉତ୍ପୀଡନର ସାମନା କରୁଛି, ଏବଂ ପ୍ରତି ୯୯ ମିନିଟ୍‌ରେ ଜଣେ ମହିଳା ଯୌତୁକ ଦାବୀ ଯୋଗୁଁ ନିର୍ଯ୍ୟାତିତ ହେଉଛି। ପ୍ରଚଳିତ ପୁରୁଷ-ପ୍ରଧାନ ସମାଜରେ ମହିଳାମାନଙ୍କ ଉପରେ ହିଂସା ଏଭଳି ଏକ ମାମୁଲି ବ୍ୟାପାରରେ ପରିଣତ ହୋଇପଡ଼ିଛି ଯେ, ଶତକଡା ୫୬ ଭାଗ ଭାରତୀୟ ମହିଳା ବିଶ୍ୱାସ କରନ୍ତି ଯେ, ଯଥାର୍ଥ କାରଣ ଥିଲେ ନିଜ ସ୍ତ୍ରୀକୁ ଶାରିରୀକ ଦଣ୍ଡ ଦେବାର ଅଧିକାର ଜଣେ ସ୍ୱାମୀଙ୍କର ରହିଛି।

ମହିଳାମାନଙ୍କ ଉପରେ ଘଟୁଥିବା ବିବିଧ ହିଂସାର ପ୍ରତିକାର ପାଇଁ ଆମ ଦେଶରେ ଯଦିଓ ଇଂରେଜ ଶାସନ ଅମଳରୁ କେତେକ ବିଧିବିଧାନ ପ୍ରଚଳିତ ଥିଲା, କିନ୍ତୁ ସଠିକ୍ ଅର୍ଥରେ କହିଲେ ଏହା ବିରୁଦ୍ଧରେ ଶାସନ କଳ ତରଫରୁ ଏକ ସାମଗ୍ରୀକ ଓ ସଂଗଠିତ ଯୋଜନା ପ୍ରକ୍ରିୟାର ଅୟମାରମ୍ଭ ହୋଇଥିଲା ୧୯୭୫ ମସିହାରେ ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ୍ ତରଫରୁ 'ସମତା ଅଭିମୁଖେ' ଶୀର୍ଷକ ଗ୍ରନ୍ଥ ପ୍ରକାଶନ ହେବାପରେ। ଶିକ୍ଷା, ନିଯୁକ୍ତି ଓ ଜୀବନର ଅନ୍ୟାନ୍ୟ ସବୁ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଉପରେ ଏହି ଗ୍ରନ୍ଥ ଆଲୋକପାତ କରିବା ସହିତ ସବୁସ୍ତରରେ ଦେଶର ମହିଳାମାନଙ୍କର ଦୟନୀୟ ସ୍ଥିତିକୁ ଏହା ପ୍ରଥମେ ଲୋକଲୋଚନକୁ ଆଣିଥିଲା। ଏହି ଗ୍ରନ୍ଥ ଦର୍ଶାଇଥିଲା ଯେ, ଦେଶର ଯୋଜନା ପ୍ରକ୍ରିୟା ବ୍ୟାପକ ସଂଖ୍ୟକ ଗରୀବ ମହିଳାମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକ ପ୍ରତି ଧ୍ୟାନ ଦେଇ ନାହିଁ। କେବଳ ସେତିକି ନୁହେଁ, ଏହା ପୁଣି ଦର୍ଶାଇଥିଲା ଯେ, ସ୍ୱାଧୀନୋତ୍ତର ଭାରତରେ ମହିଳାମାନଙ୍କର ସ୍ଥିତି ଅଧିକରୁ ଅଧିକ ଦୟନୀୟ ହୋଇ ଚାଲିଛି; ଉଦାହରଣ ସ୍ୱରୂପ, ସଂଗଠିତ କ୍ଷେତ୍ରରେ ନିଯୁକ୍ତିରୁ ମହିଳାମାନେ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅନ୍ୟପକ୍ଷରେ ସମାଜ ଭିତରେ ମହିଳାମାନଙ୍କ ବିରୁଦ୍ଧରେ ଘରୋଇ ହିଂସା ବଢ଼ିବାରେ ଲାଗିଛି; ବାଲ୍ୟ ବିବାହ ଏବଂ ଘରୋଇ ହିଂସା ଏକ ନିତିଦିନିଆ ଓ ଦେହସୁହା ଘଟଣାରେ ପରିଣତ ହୋଇପଡ଼ିଛି ତଥା ଦେଶରେ ଚାଲୁ ରହିଥିବା ବିକାଶ ଧାରା ସମାଜର ସବାତଳ ସ୍ତରରେ ଥିବା ଶ୍ରେଣୀ ଓ ଜାତି ବିରୁଦ୍ଧରେ କେବଳ ଯେ ସାମାଜିକ-ଆର୍ଥିକ ବୈଷମ୍ୟକୁ ବଢ଼ାଇଛି, ତାହା ନୁହେଁ, ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ଆହୁରି ତୀବ୍ରତର କରିଛି।

ଏକଥା ସତ, ଗତ ଅଶୀ ଦଶନ୍ଧିରେ ସବୁ ସ୍ତରର ଲୋକଙ୍କ ଭିତରେ ନିଜନିଜ ସ୍ଥିତିରେ ଭୌତିକ ସମୃଦ୍ଧି ହାସଲ ପାଇଁ ଏକ ବଳିଷ୍ଠ ଆକାଂକ୍ଷା ପରିଲକ୍ଷିତ ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ, ଏହି ନୂତନ ଆକାଂକ୍ଷା ସହିତ

ତାଳ ଦେଇ ସାମଗ୍ରୀକ ଭାବେ ସମାଜ ଭିତରେ ସାମୂହିକ ଭୌତିକ ସମ୍ପଦ ଓ ସୁଯୋଗଗୁଡ଼ିକର ବୃଦ୍ଧି ଘଟି ପାରି ନଥିଲା, ପରିଣାମ ସ୍ୱରୂପ, ଆମଭଳି ପୁରୁଷ-ପ୍ରଧାନ ସମାଜରେ ପରିବାରମାନେ ନିଜର ଆର୍ଥିକ ସମ୍ବଳ ବଢାଇବା ଉଦ୍ଦେଶ୍ୟରେ ବିବାହ ବେଳେ କନ୍ୟାପକ୍ଷ ଠାରୁ ଯୌତୁକ ଦାବୀ ବଢାଇ ଚାଲିଲେ। ଯୌତୁକ ନିରୋଧ ଆଇନ୍ ୧୯୬୧ ପ୍ରବର୍ତ୍ତୀତ ରହିଥିବା ସ୍ଥଳେ ଯୌତୁକ ଦାବୀ ହୁହୁ ହୋଇ ବଢିଚାଲିଲା ଏବଂ ଯେଉଁସ୍ଥଳେ ଏହା ପୂରଣ ହେଉନଥିଲା, ସେ କ୍ଷେତ୍ରରେ ନବବିବାହିତା ବୋହୂମାନଙ୍କୁ ନିର୍ଯ୍ୟାତନା କରାଗଲା ଓ ଏପରିକି ନିଆଁରେ ଜଳେଇ ହତ୍ୟା କରାଗଲା। କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଯୌତୁକ ନିର୍ଯ୍ୟାତନା ବିରୁଦ୍ଧରେ ଦେଶ ଭିତରେ ମହିଳାମାନଙ୍କର ଆନ୍ଦୋଳନ ବଢିଚାଲିବାରୁ ଯୌତୁକ ନିର୍ଯ୍ୟାତନା ସଂପର୍କୀତ ବିଧିବିଧାନକୁ ଅଧିକ ଶକ୍ତିଶାଳୀ କରାଗଲା।

ଆମ ଦେଶରେ ଆଉ ଏକ ବିଡମ୍ବନା ହେଲା, ଆଇନ୍ ଶୃଙ୍ଖଳାର ରକ୍ଷାକର୍ତ୍ତାମାନେ ହିଁ ଆଇନ୍‌ର ଉଲ୍ଲଂଘନ କରିଥାନ୍ତି। ୧୯୭୨ ମସିହାରେ ମହାରାଷ୍ଟ୍ରରେ ଗୋଟିଏ ଥାନା ହାଜତରେ ମଥୁରା ନାମ୍ନୀ ଜଣେ ଆଦିବାସୀ ତରୁଣୀ ପୋଲିସ୍‌ମାନଙ୍କର ବଳାତ୍କାରର ଶୀକାର ହେଲା। କିନ୍ତୁ ଏହା ବିରୁଦ୍ଧରେ ସାରାଦେଶରେ ମହିଳା ସଂଗଠନମାନେ ସକ୍ରିୟ ପ୍ରତିବାଦ କରିବାକୁ ଆଗେଇ ଆସିଲେ। ଅଦାଲତ ପୋଲିସ୍‌କୁ ଦୋଷୀ ସାବ୍ୟସ୍ତ କରିପାରିଲେ ନାହିଁ। କିନ୍ତୁ ମହିଳା ସଂଗଠନମାନଙ୍କ ଆନ୍ଦୋଳନ ଫଳରେ ସଂପୃକ୍ତ ବିଧିବିଧାନରେ କେତେକ ସଂଶୋଧନ ଅଣାହେଲା ଏବଂ ହାଜତରେ ଘଟୁଥିବା ବଳାତ୍କାର ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଗଲା। ସୁତରାଂ ବିଗତ ଦଶନ୍ଧିଗୁଡିକର ଅଭିଜ୍ଞତାରୁ ଏହି ଶିକ୍ଷା ମିଳୁଛି ଯେ, ଆଇନ୍‌କାନୁନ୍ ଓ ପ୍ରଶାସନିକ ବ୍ୟବସ୍ଥାରେ ଯେତେଯାହା ତ୍ରୁଟି ଥାଉନା କାହିଁକି, ଯଦି ଉଭୟ ସହର ଓ ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ମହିଳା ମାନେ ସେମାନଙ୍କ ବିରୁଦ୍ଧରେ ଘଟୁଥିବା ହିଂସା ବିରୁଦ୍ଧରେ ନିଜେ ସଂଘବଦ୍ଧ ହୋଇ ସ୍ୱର ଉତ୍ତୋଳନ କରନ୍ତି, ତେବେ କାଳକ୍ରମେ ଆବଶ୍ୟକୀୟ ବୈଧାନିକ ସଂସ୍କାର ଘଟିବା ସହିତ ହିଂସାମୂଳକ ଘଟଣାଗୁଡିକର ପ୍ରତିକାର କିଛି ମାତ୍ରାରେ ସମ୍ଭବ ହୋଇପାରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ଭିତରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ମହିଳାମାନେ ନିଜର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଗ୍ରାମ ଓ ସାହି ଭିତ୍ତିରେ ସ୍ୱୟଂ-ସହାୟକ ଗୋଷ୍ଠୀମାନ ଗଠନ କରିବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଏହି ସ୍ୱୟଂ-ସହାୟକ ଗୋଷ୍ଠୀଗୁଡିକ ଚାହିଁଲେ ନିଜନିଜ ଇଲାକାରେ ମହିଳାମାନଙ୍କ ଉପରେ ଘଟୁଥିବା ହିଂସା ବିରୁଦ୍ଧରେ ପ୍ରତିବାଦ କରିପାରିବେ ଏବଂ ସଫଳତା ମଧ୍ୟ ହାସଲ କରିପାରିବେ। ଏଥିପାଇଁ ସେମାନଙ୍କ ଭିତରେ ମହିଳା ଉପରେ ହିଂସା ସଂପର୍କୀତ ବିଧିବିଧାନ ସଂବନ୍ଧରେ ସଚେତନତା ପ୍ରସାର କରିବା ବର୍ତ୍ତମାନ ଜରୁରୀ ଅଟେ। ଏହି ସଚେତନତା ପ୍ରସାରଣର କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଗ୍ରହଣ କରିବାକୁ ପଡିବ। ବିଶେଷ କରି ମହିଳା ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ଆଗୁଆ କର୍ମୀଗଣ, ଯେଉଁମାନେକି ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀର ସଭ୍ୟମାନଙ୍କ ଭିତରେ ଲିଙ୍ଗନ୍ୟାୟ ଓ ମହିଳା ସୁରକ୍ଷା ସମ୍ବନ୍ଧରେ ସଚେତନତା ପ୍ରସାରଣ ଦିଗରେ ପ୍ରୟାସ ଜାରି ରଖିବେ, ସେମାନଙ୍କର ବୌଦ୍ଧିକ ଓ ମାନସିକ ସଶକ୍ତୀକରଣ ପାଇଁ ଏହି ଆଇନ୍ ସଚେତନତା ପୁସ୍ତିକା ଉଦ୍ଦିଷ୍ଟ।

# ସମ୍ବିଧାନରେ ମହିଳା ଅଧିକାର

୧୯୫୦ ଜାନୁଆରୀ ୨୬ ଠାରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଆସୁଛି। ଏହି ସମ୍ବିଧାନ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେଇଅଛି। ସମ୍ବିଧାନର ବିଭିନ୍ନ ପ୍ରାବଧାନରେ ବିଭିନ୍ନ ଅଧିକାରମାନ ସ୍ଥାନିତ ହୋଇଛି । ଏଥିରେ ଥିବା ବିଧିବ୍ୟବସ୍ଥାକୁ ଭିତ୍ତିକରି ବିଭିନ୍ନ ଆଇନ୍‌କାନୁନ, ସରକାରୀ ନୀତିନିୟମ ଏବଂ ଯୋଜନାସମୂହର ପ୍ରଣୟନ କରା ହୋଇଆସୁଛି । ଏହି ସମ୍ବିଧାନରେ ମୋଟ ୨୨ଟି ଭାଗ, ୩୯୫ଟି ଧାରା ଏବଂ ୧୨ଟି ଅନୁସୂଚୀ ରହିଛି। ଉଲ୍ଲେଖନୀୟ ଯେ, ଏହାର ଭାଗ-୩ରେ ଧାରା ୧୨ ରୁ ୩୫ ଯାଏଁ ନାଗରିକମାନଙ୍କର ମୌଳିକ ଅଧିକାରସମୂହ ସ୍ଥାନିତ ହୋଇଛି ଏବଂ ଭାଗ-୪ରେ ଧାରା ୩୬ ରୁ ୫୧ ଯାଏଁ ରାଜ୍ୟମାନଙ୍କର ନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାବଳୀ ସୂଚୀତ ହୋଇଛି । ସମ୍ବିଧାନର ଯେଉଁସବୁ ବ୍ୟବସ୍ଥାମାନ ମହିଳା ସ୍ୱାର୍ଥ ସହିତ ସଂଶ୍ଳିଷ୍ଟ, ସେଗୁଡିକର ଏକ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦାନ କରାଯାଉଛି ।

## ମୌଳିକ ଅଧିକାର :

| ଧାରା ସଂଖ୍ୟା | ମୌଳିକ ଅଧିକାରର ନାମ |
|---|---|
| ଧାରା ୧୪ | : ଆଇନ୍ ସମ୍ମୁଖରେ ସମାନତାର ଅଧିକାର ତଥା ଦେଶର ଯେ କୌଣସି ଅଞ୍ଚଳରେ ଆଇନ୍‌ର ସମାନ ପ୍ରୟୋଗ ପାଇଁ ଅଧିକାର। |
| ଧାରା ୧୫ | : ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କାହାକୁ ବାଛବିଚାର କରାନଯିବାର ଅଧିକାର। |
| ଧାରା ୧୫(୩) | : ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ପ୍ରଣୟନ ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ। |
| ଧାରା ୧୬ | : ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କୌଣସି ନାଗରିକଙ୍କୁ ବାଛବିଚାର କରାନଯିବାର ଅଧିକାର। |
| ଧାରା ୧୯ | : ଭାଷଣ ଓ ମତପ୍ରକାଶ, ସଭାସମିତି, ସଂଗଠନ, ଦେଶଭିତରେ ଚଳପ୍ରଚଳ ଓ ବସବାସ କରିବା, ତଥା ଯେ କୌଣସି ବୃତ୍ତି ଓ ବ୍ୟବସାୟ କରିବାର ସ୍ୱାଧିନତା। |
| ଧାରା ୨୧ | : ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ ନହେବା ପାଇଁ ଅଧିକାର। |
| ଧାରା ୨୩ | : ମଣିଷ ଚାଲାଣ ଉପରେ ନିଷେଧ। |

ଯେଉଁ ସ୍ଥଳେ ସମ୍ବିଧାନ-ସ୍ୱୀକୃତ ଏକ ଅଧିକାରର ଉଲଂଘନ ଘଟେ, ବ୍ୟଥିତ ବ୍ୟକ୍ତି ହାଇକୋର୍ଟ କିମ୍ବା ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇପାରିବେ । ପୁଣି ଯେ କୌଣସି ବ୍ୟାପାରରେ ନିମ୍ନ ଅଦାଲତ ଦ୍ୱାରା ପ୍ରଦତ୍ତ ଏକ ରାୟରେ ଯଦି ଜଣେ ବ୍ୟକ୍ତି ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ଉଚ୍ଚତର କୋର୍ଟରେ ଆବେଦନ କରିପାରିବେ ଏବଂ ସେହି କ୍ରମରେ ହାଇକୋର୍ଟରେ ମଧ୍ୟ ଆବେଦନ କରିପାରିବେ । ଯଦି ହାଇକୋର୍ଟଙ୍କ ରାୟରେ ସେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସୁପ୍ରିମ କୋର୍ଟରେ ମଧ୍ୟ ଆବେଦନ କରିପାରିବେ । କେଉଁ ରାଜ୍ୟ ପାଇଁ କେଉଁ ହାଇକୋର୍ଟ ପ୍ରଯୁଜ୍ୟ ତହିଁର ଏକ ତାଲିକା ସମ୍ବିଧାନର ପରିଶିଷ୍ଟ (ଆପେଣ୍ଡିକ୍ସ)-୧୫ରେ ସୂଚୀତ ହୋଇଛି ।

## ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ :

ଏକ ଜନହିତକାରୀ ରାଷ୍ଟ୍ରରେ ନାଗରିକମାନଙ୍କ ମଧ୍ୟରେ ଥିବା ବୈଷମ୍ୟକୁ ଯଥାସମ୍ଭବ ଦୂର କରିବା ତଥା ସମାଜର ଦୁର୍ବଳ ଏବଂ ପଛୁଆ ଶ୍ରେଣୀମାନଙ୍କର ସର୍ବାଙ୍ଗୀନ ବିକାଶକୁ ଅଗ୍ରାଧିକାର ଦେବାର ଲକ୍ଷ୍ୟ ନେଇ କେତେ ଗୁଡ଼ିଏ ନୀତି ନିର୍ଦ୍ଦେଶନା ସମ୍ବିଧାନର ଭାଗ-୪ରେ ସ୍ଥାନିତ କରାଯାଇଛି । ଏହି ଭାଗରେ ଧାରା-୩୬ରୁ ଧାରା-୫୧ ସୂଚୀତ ହୋଇଛି । ଏହି ନୀତି ନିର୍ଦ୍ଦେଶନାଗୁଡ଼ିକର ଉଲ୍ଲଂଘନ ହେଲେ ଆମେ ଅଦାଲତରେ ଆବେଦନ କରିପାରିବା ନାହିଁ । କିନ୍ତୁ ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ରାଷ୍ଟ୍ର ପରିଚାଳନାରେ ଦିଗଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ସମ୍ବିଧାନ-ପ୍ରଣେତାମାନେ ଆଶା ପୋଷଣ କରି ଯାଇଛନ୍ତି । ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ସାହାଯ୍ୟରେ ଆମେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଉପରେ ଏକ ଲୋକାଭିମୁଖୀ ଆଇନ୍ ବା ନୀତି ପ୍ରଣୟନ ପାଇଁ ଅଥବା ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଚାପ ପକାଇ ପାରିବା । ଏହି ନୀତି ନିର୍ଦ୍ଦେଶନାବଳୀ ସମ୍ବିଧାନର ବିବେକ ସ୍ୱରୂପ କାର୍ଯ୍ୟ କରିବା କଥା ।

### ସମ୍ବିଧାନର ନୀତି ନିର୍ଦ୍ଦେଶାବଳୀରେ ମହିଳାମାନଙ୍କ ନିମନ୍ତେ ବିଧିବ୍ୟବସ୍ଥା

**ଧାରା ୩୯(ଏ) :** ପୁରୁଷ ଓ ମହିଳା ନିର୍ବିଶେଷରେ ଭାରତବର୍ଷର ସମସ୍ତ ନାଗରିକଙ୍କର ଉପଯୁକ୍ତ ଜୀବିକା ନିର୍ବାହ ପାଇଁ ସମାନ ଅଧିକାର ଅଛି ଏବଂ ଏହାକୁ ସୁରକ୍ଷା ଦେବା ସରକାରଙ୍କର ଦାୟିତ୍ୱ ଅଟେ ।

**ଧାରା ୩୯ (ଡ଼ି) :** ନିଯୁକ୍ତି କ୍ଷେତ୍ରରେ ପୁରୁଷ ଓ ମହିଳା ଉଭୟ ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ପାଇବା ସକାଶେ ହକଦାର ଅଟନ୍ତି ।

**ଧାରା ୩୯(ଇ) :** କୌଣସି ବ୍ୟକ୍ତି (ମହିଳା, ପୁରୁଷ ବା ଶିଶୁ)ଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ଅପବିନିଯୁକ୍ତ ହେବ ନାହିଁ ଅବା ଆର୍ଥିକ ଅନାଟନ କାରଣରୁ ତାଙ୍କର ବୟସ ଓ ଶକ୍ତିର ପ୍ରତିକୂଳ ହେଉଥିବା କର୍ମକ୍ଷେତ୍ରରେ ନିଯୁକ୍ତ ହେବାପାଇଁ ସେମାନଙ୍କୁ ବାଧ୍ୟ କରାଯିବ ନାହିଁ ।

**ଧାରା ୩୯(ଏଫ):** ସ୍ୱାଧୀନ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସ୍ଥ ବାତାବରଣରେ ଶିଶୁର ବିକାଶ ନିମନ୍ତେ ସୁଯୋଗ ଓ ସୁବିଧାର ବ୍ୟବସ୍ଥା କରାଯିବ। ଯୁବକ ଓ ଶିଶୁମାନେ ଶୋଷଣର ଶିକାର ହେବେ ନାହିଁ।

**ଧାରା ୩୯-ଏ:** ସମ୍ବିଧାନର ୪୨ତମ ସଂଶୋଧନ ଆଇନ୍, ୧୯୭୬ ବଳରେ ଏହି ପ୍ରାବଧାନ ଯୋଡା ଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଯେଉଁ ନାଗରିକ ଗୋଷ୍ଠୀ ଆର୍ଥିକ ବା ଅନ୍ୟ କାରଣରୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ମାଗଣା ଆଇନ୍ ସହାୟତା ପ୍ରଦାନ ପାଇଁ ରାଷ୍ଟ୍ର ଯଥୋଚିତ ସୁଯୋଗମାନ ସୃଷ୍ଟି କରିବେ।

**ଧାରା ୪୨:** କାର୍ଯ୍ୟସ୍ଥଳୀରେ ଉପଯୁକ୍ତ ଏବଂ ମାନବୀୟ ପରିବେଶକୁ ସୁନିଶ୍ଚିତ କରିବା ତଥା ମାତୃତ୍ୱ କାଳୀନ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଷ୍ଟ୍ର ପ୍ରଚେଷ୍ଟା କରିବ।

**ଧାରା ୪୪:** ଦେଶର ସମଗ୍ର ଅଞ୍ଚଳରେ ଗୋଟିଏ ସମରୂପ ଦେଓ୍ୱାନି ଆଇନ୍‌ର ପ୍ରଚଳନ ପାଇଁ ରାଷ୍ଟ୍ରର ଉଦ୍ୟମ ଅବ୍ୟାହତ ରହିବ।

**ଧାରା ୪୭:** ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ ହେବ ଜନସାଧାରଣଙ୍କର ପୁଷ୍ଟିସାଧନ, ଜୀବନଧାରଣର ମାନଦଣ୍ଡ ଓ ସାର୍ବଜନୀନ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଘଟାଇବା ତଥା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶାଦ୍ରବ୍ୟକୁ ନିଷେଧ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା।

**ସମ୍ବିଧାନରେ ବର୍ଣ୍ଣିତ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟାବଳୀ-**

**୧୯୭୬ରେ ସମ୍ବିଧାନର ୪୨ତମ ସଂଶୋଧନ ବଳରେ ଧାରା ୫୧-ଏ ଯୋଡାଗଲା, ଯେଉଁଥିରେ କି ନାଗରିକମାନଙ୍କର ୧୦ଟି ମୌଳିକ କର୍ତ୍ତବ୍ୟର ଅବତାରଣା କରାଯାଇଛି। ଏହାର କ୍ରମସଂଖ୍ୟା (ଇ) ରେ କୁହାଯାଇଛି ଯେ, ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ ତଥା ସଂକୀର୍ଣ୍ଣ ବିଭେଦଗୁଡ଼ିକର ଉର୍ଦ୍ଧ୍ୱରେ ରହି ଭାରତର ସମସ୍ତ ଜନସାଧାରଣଙ୍କ ଭିତରେ ସଂହତି ଏବଂ ସମଭାବାପନ୍ନ ଭ୍ରାତୃଭାବର ଭାବଧାରାକୁ ପ୍ରୋତ୍ସାହନ ଦେବା ତଥା ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅବମାନନା ସୂଚକ ଆଚରଣସବୁକୁ ପରିହାର କରିବା।**

## ପ୍ରାକ୍-ସ୍ୱାଧୀନତା ଯୁଗରେ ମହିଳାମାନଙ୍କ ପାଇଁ ପ୍ରଣୀତ ପ୍ରଗତିଶୀଳ ଆଇନ୍‌ସମୂହ

ଆମଦେଶର ଆଧୁନିକ ଇତିହାସରେ ମହିଳାମାନଙ୍କର ଅଧିକାର ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିବିଧ ସଂସ୍କାର କାର୍ଯ୍ୟକ୍ରମ ଭିତରୁ ହିନ୍ଦୁ ବିଧବା ପୁନଃବିବାହ ଆଇନ୍ ୧୮୫୬ ଥିଲା ପ୍ରଥମ ସୋପାନ । ସେହିଠାରୁ ଆରମ୍ଭ ହୋଇ ୧୯୪୭ ମସିହାରେ ସ୍ୱାଧିନତା ପ୍ରାପ୍ତି ପର୍ଯ୍ୟନ୍ତ କ୍ରମାଗତ ଭାବେ ବହୁ ବିଷୟ ଯଥା, ବିବାହ, ବିବାହ ବିଚ୍ଛେଦ, ଉତ୍ତରାଧିକାରୀ ସତ୍ତ୍ୱ, ସମ୍ପତ୍ତିଗତ ଅଧିକାର, ବାଲ୍ୟ ବିବାହ, ଯୌତୁକ କାରବାର ତଥା ଦେବଦାସୀ ପ୍ରଥା ଆଦି ଉପରେ ନୂତନ ଓ ପ୍ରଗତିଶୀଳ ଆଇନ୍ ଗୁଡ଼ିକର ପ୍ରବର୍ତ୍ତନ କରାଯାଇଥିଲା ଏବଂ ଫଳତଃ ମହିଳାମାନଙ୍କ ସାମାଜିକ ସ୍ଥିତିରେ କେତେକ ସୁଦୃଶ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସେହି ଗୁରିତ୍ୱପୂର୍ଣ୍ଣ ବିଧିବିଧାନଗୁଡିକ ହେଲା-

| ବର୍ଷ | | ଆଇନ୍ |
|---|---|---|
| ୧୮୫୬ | - | ହିନ୍ଦୁ ବିଧବା ପୁନଃବିବାହ ଆଇନ୍ |
| ୧୮୬୦ | - | ଭାରତୀୟ ପିଙ୍ଗଳ ସଂହିତା |
| ୧୮୬୫ | - | ପାର୍ଶି ବିବାହ ଓ ଛାଡ଼ପତ୍ର ଆଇନ୍ |
| ୧୮୬୬ | - | ଦେଶୀୟ ବ୍ୟକ୍ତିର ଧର୍ମାନ୍ତରଣ କାରଣରୁ ବିବାହର ଅବସାନ ଆଇନ୍ |
| ୧୮୬୯ | - | ଭାରତୀୟ ଛାଡ଼ପତ୍ର ଆଇନ୍ |
| ୧୮୭୨ | - | ଭାରତୀୟ ଖ୍ରୀଷ୍ଟିଆନ୍ ବିବାହ ଆଇନ୍ |
| ୧୮୭୨ | - | ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ |
| ୧୮୭୪ | - | ବିବାହିତ ମହିଳାଙ୍କ ସମ୍ପତ୍ତିଗତ ଅଧିକାର ଆଇନ୍ |
| ୧୮୭୫ | - | ଭାରତୀୟ ସାବାଳକ ଆଇନ୍ |
| ୧୮୭୬ | - | ବଂଗୀୟ ମହମଡାନ୍ ବିବାହ ଓ ବିବାହ ବିଚ୍ଛେଦ ପଞ୍ଜିକରଣ ଆଇନ୍ |
| ୧୮୯୦ | - | ଅଭିଭାବକ ଓ ପ୍ରତିପାଳ୍ୟ ଆଇନ୍ |
| ୧୮୯୧ | - | ସମ୍ମତି ପ୍ରଦାନ ପାଇଁ ବୟସ ଆଇନ୍ (ବିବାହ ପାଇଁ ସମ୍ମତି ପ୍ରଦାନ ସକାଶେ ଝିଅର ନ୍ୟୁନତମ ବୟସ ୧୨ ବର୍ଷ ବୋଲି ଧାର୍ଯ୍ୟ) |
| ୧୮୯୨ | - | ବିବାହସମୂହର ବୈଧୀକରଣ ଆଇନ୍ |
| ୧୯୦୯ | - | ଆନନ୍ଦ ବିବାହ ଆଇନ୍ (ଶିଖ୍ ସଂପ୍ରଦାୟ ପାଇଁ) |
| ୧୯୨୧ | - | ହିନ୍ଦୁ ସମ୍ପତ୍ତି ହସ୍ତାନ୍ତର ଏବଂ ଦାନ (ମାଡ୍ରାସ ସହର) ଆଇନ୍ |
| ୧୯୨୩ | - | ଆଇନ୍ କ୍ଷେତ୍ରରେ ପେଷାଦାର (ମହିଳା) ଆଇନ୍ |

| | | |
|---|---|---|
| ୧୯୨୪ | - | ଦେବଦାସୀ ପ୍ରଥାର ନିଷେଧ ପାଇଁ ଭାରତୀୟ ପିଙ୍ଗଳ ସଂହିତା, ୧୮୬୦ର ଦଫା ୩୭୨ ଓ ୩୭୩ର ସଂଶୋଧନ |
| ୧୯୨୫ | - | ବିବାହ ପାଇଁ ସମ୍ମତି ପ୍ରଦାନ ବୟସ (ସଂଶୋଧନ) ଆଇନ୍ (ଝିଅମାନଙ୍କ ପାଇଁ ଅନ୍ୟୂନ ୧୩ବର୍ଷକୁ ବୃଦ୍ଧି) |
| ୧୯୨୯ | - | ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍ (ଝିଅମାନଙ୍କ ପାଇଁ ଅନ୍ୟୂନ ୧୪ବର୍ଷକୁ ବୃଦ୍ଧି) |
| ୧୯୩୩ | - | ମହୀଶୂର ହିନ୍ଦୁ ବିଧି ମହିଳାମାନଙ୍କ ଅଧିକାରସମୂହ ଆଇନ୍ |
| ୧୯୩୪ | - | ବମ୍ବେ ଦେବଦାସୀ ସୁରକ୍ଷା ଆଇନ୍ |
| ୧୯୩୫ | - | ଆସାମ ମୁସଲିମ ବିବାହ ଓ ବିବାହ-ବିଚ୍ଛେଦ ପଞ୍ଜିକରଣ ଆଇନ୍ |
| ୧୯୩୬ | - | ପାର୍ଶୀ ବିବାହ ଓ ବିବାହ ବିଚ୍ଛେଦ ଆଇନ୍ |
| ୧୯୩୭ | - | ମୁସ୍‌ଲିମ୍ ବ୍ୟକ୍ତି-ସଂପର୍କୀତ ବିଧି (ଶାରିୟାତ) ପ୍ରୟୋଗ ଆଇନ୍ |
| | - | ହିନ୍ଦୁ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ଆଇନ୍ |
| | - | ଆର୍ଯ୍ୟ ବିବାହ ଆଇନ୍ |
| ୧୯୩୯ | - | ମୁସଲମାନ ବିବାହ ଅବସାନ ଆଇନ୍ |
| ୧୯୪୬ | - | ବମ୍ବେ ହିନ୍ଦୁ ଦୁଇ-ବିବାହ ନିଷେଧ ଆଇନ୍ |
| ୧୯୪୬ | - | ହିନ୍ଦୁ ବିବାହିତା ମହିଳାଙ୍କର ସ୍ୱତନ୍ତ୍ର ବସବାସ କରିବା ଏବଂ ଭତ୍ତା ପାଇବାର ଅଧିକାର ଆଇନ୍ |
| ୧୯୪୭ | - | ମାଡ୍ରାସ ଦେବଦାସୀ (ସମର୍ପଣକୁ ନିଷେଧ) ଆଇନ୍ |

**ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉନବିଂଶ ଶତାବ୍ଦୀର ରକ୍ଷଣଶୀଳ ସମାଜରେ ମଧ୍ୟ ବିବାହ ବିଚ୍ଛେଦ ଆଇନ୍, ବିଧବା ପୁନଃବିବାହ ଆଇନ୍ ଓ ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍ ପରି ବୈପ୍ଲବିକ ଆଇନ୍‌ମାନ ପ୍ରବର୍ତ୍ତନ ହୋଇ ପାରିଥିଲା। ଯଦିଓ ଇଂରେଜ ସରକାରଙ୍କ ଦ୍ୱାରା ଏହି ଆଇନ୍‌ସବୁ ପ୍ରଣୀତ ହୋଇଥିଲା, କିନ୍ତୁ ସେଥିପାଇଁ ଭାରତର ସମାଜ-ସଂସ୍କାରକ ଓ ବିଶେଷକରି ଅଗ୍ରଦ୍ରଷ୍ଟା ମହିଳା ନେତ୍ରୀମାନଙ୍କର ଆନ୍ଦୋଳନ ପ୍ରେରଣା ଯୋଗାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗୃହୀତ ହୋଇଥିବା ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍, ୧୯୨୯ ବା ଶାରଦା ଆଇନ୍‌କୁ ଆମେ ଯଦି ଏକ ଦୃଷ୍ଟାନ୍ତ ଭାବେ ନେବା, ତେବେ ଜାଣିପାରିବା ଯେ, ଏହି ଆଇନ୍ ପ୍ରଣୟନକୁ ବ୍ରିଟିଶ୍ ସରକାର ନିଜ ତରଫରୁ ପ୍ରୋତ୍ସାହନ ଦେଇନଥିଲେ । ଏଥିପାଇଁ ବ୍ରିଟିଶ୍ ସରକାରଙ୍କ ଉପରେ ଭାରତୀୟ ସଂସ୍କାରଧର୍ମୀ ରାଜନେତା ଏବଂ ସମାଜସେବୀଗଣଙ୍କୁ ବେଶ୍ ଚାପ ପକାଇବାକୁ ପଡିଥିଲା ।**

## ସାଧୀନୋତ୍ତର କାଳରେ ପ୍ରଣୀତ ମହିଳା-ସଂପର୍କୀତ ଆଇନ୍‌ସମୂହ:

ପ୍ରାକ୍ ସ୍ୱାଧୀନତା ଯୁଗର ନାରୀ ଜାଗରଣର ଧାରା ସ୍ୱାଧୀନୋତ୍ତର ଭାରତବର୍ଷରେ ବଜାୟ ରହିଲା। ଏହାର ପରିଣାମ ସ୍ୱରୂପ ସ୍ୱାଧୀନ ଭାରତରେ ମହିଳା ସଂପର୍କୀତ ବହୁ ଉନ୍ନତ ଆଇନ୍‌ମାନ ପ୍ରଣୟନ ହୋଇ ଆସୁଥିବାର ଏକ ପ୍ରକ୍ରିୟା ଆମେ ଲକ୍ଷ୍ୟ କରିଥାଉ।

| ବର୍ଷ | | ଆଇନ୍ |
|---|---|---|
| ୧୯୪୯ | - | ବାଲ୍ୟବିବାହ ନିୟନ୍ତ୍ରଣ (ସଂଶୋଧନ) ଆଇନ୍ |
| ୧୯୫୨ | - | ପ୍ରତ୍ୟାହାର ଓ ସଂଶୋଧନ ଆଇନ୍ (ଭାରତୀୟ ଖ୍ରୀଷ୍ଟିଆନ ବିବାହ ଆଇନ୍‌ର ବୈଧୀକରଣ) |
| | - | 'ବି' ଶ୍ରେଣୀ ରାଜ୍ୟସମୂହର ବିବାହର ବୈଧୀକରଣ ଆଇନ୍ |
| ୧୯୫୪ | - | ସ୍ୱତନ୍ତ୍ର ବିବାହ ଆଇନ୍ |
| ୧୯୫୫ | - | ହିନ୍ଦୁ ବିବାହ ଆଇନ୍ |
| ୧୯୫୬ | - | ହିନ୍ଦୁ ପୌଷ୍ୟସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଆଇନ |
| | - | ହିନ୍ଦୁ ନାବାଳକତ୍ୱ ଏବଂ ଅଭିଭାବକତ୍ୱ ଆଇନ୍ |
| | - | ହିନ୍ଦୁ ଉତ୍ତରାଧିକାରିତ୍ୱ ଆଇନ୍ |
| | - | ଅନୈତିକ ଚାଲାଣ ପ୍ରତିଷେଧ ଆଇନ୍ |
| | - | ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନସମୂହ (ଲାଇସେନସ୍ ପ୍ରଦାନ) ଆଇନ୍ |
| ୧୯୫୯ | - | ବିବାହିତା ମହିଳାଙ୍କ ସଂପତ୍ତି (ସଂପ୍ରସାରଣ) ଆଇନ୍ |
| ୧୯୬୦ | - | ଶିଶୁ ଆଇନ୍ |
| | - | ଅନାଥାଶ୍ରମ ଏବଂ ଅନ୍ୟାନ୍ୟ ଦାତବ୍ୟ ଗୃହ (ତଦାରଖ ଏବଂ ନିୟନ୍ତ୍ରଣ) ଆଇନ୍ |
| ୧୯୬୦ | - | ହିନ୍ଦୁବିବାହ (କାର୍ଯ୍ୟବିଧିର ବୈଧୀକରଣ) ଆଇନ୍ |
| ୧୯୬୧ | - | ଯୌତୁକ ନିଷେଧ ଆଇନ୍ |
| ୧୯୬୯ | - | ବିଦେଶରେ ବିବାହ ଆଇନ୍ |
| ୧୯୭୧ | - | ଡ଼ାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍ |
| ୧୯୭୩ | - | ଫୌଜଦାରୀ କାର୍ଯ୍ୟବିଧି ସଂହିତା |

| | | |
|---|---|---|
| ୧୯୭୬ | - | ବାଲ୍ୟବିବାହ ନିୟନ୍ତ୍ରଣ (ସଂଶୋଧନ) ଆଇନ୍ |
| | - | ସମାନ ପାରିଶ୍ରମିକ ଆଇନ୍ |
| ୧୯୮୪ | - | ପରିବାର ଅଦାଲତ ଆଇନ୍ |
| ୧୯୮୬ | - | ମହିଳାମାନଙ୍କୁ ଅଶ୍ଳୀଳ ଢଙ୍ଗରେ ପ୍ରଦର୍ଶନ(ନିଷେଧ) ଆଇନ୍ |
| | - | ମୁସଲିମ୍ ମହିଳା (ବିବାହ ବିଚ୍ଛେଦ ପରେ ଅଧିକାରର ସୁରକ୍ଷା) ଆଇନ୍ |
| ୧୯୮୬ | - | ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ |
| ୧୯୮୭ | - | ସତୀପ୍ରଥା (ପ୍ରତିଷେଧ) ଆଇନ୍ |
| ୧୯୯୦ | - | ଜାତୀୟ ମହିଳା କମିଶନ୍ ଆଇନ୍ |
| ୧୯୯୩ | - | ମାନବିକ ଅଧିକାରସମୂହ ସୁରକ୍ଷା ଆଇନ୍ |
| ୧୯୯୪ | - | ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍ |
| ୨୦୦୨ | - | ଭାରତୀୟ ସାକ୍ଷ୍ୟ-ପ୍ରମାଣ (ସଂଶୋଧନ) ଆଇନ୍ |
| | - | ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ଆଇନ୍ |
| ୨୦୦୫ | - | ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍ |
| | - | ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଆଇନ୍ |
| | - | ଶିଶୁ ଅଧିକାରର ସୁରକ୍ଷା ପାଇଁ କମିଶନ୍‌ସମୂହ ଆଇନ୍ |

ଭାରତର ପୁରୁଷ-ପ୍ରଧାନ ସମାଜରେ ଏସବୁ ନୂତନ ଆଇନ୍‌ର ପ୍ରଣୟନ ମହିଳାମାନଙ୍କର ସ୍ୱାର୍ଥରକ୍ଷା ଓ ବିକାଶ ସାଧନ ସହ ପୁରୁଷମାନଙ୍କ ସହିତ ସେମାନଙ୍କର ସମାନ ସୁଯୋଗ ହାସଲ କରିବାର ମାର୍ଗକୁ ପ୍ରଶସ୍ତ କରିପାରିଛି, ଯଦିଓ ମହିଳା ସଶକ୍ତୀକରଣର ମୂଳ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଏକ ଲମ୍ବା ପଥ ଅତିକ୍ରମ କରିବା ବାକୀ ରହିଛି ।

**ମଥୁରା କେଶ୍- ଏକ ନୂଆ ଦିଗନ୍ତର ଉନ୍ମୋଚନ :**

ଆଇନ୍‌ର ରକ୍ଷାକର୍ତ୍ତାମାନେ କିପରି ଆଇନ୍‌ର ନଗ୍ନ ଉଲ୍ଲଂଘନ ଘଟାଇ ପାରନ୍ତି, ୧୯୭୨ ମସିହାର ମଥୁରା କେଶ୍ ଏଥିପ୍ରତି ସମସ୍ତଙ୍କର ଆଖି ଖୋଲିଦେଇଥିଲା । ମହାରାଷ୍ଟ୍ର ନିବାସୀ ମଥୁରା (୧୬ବର୍ଷ) ଗୋଟିଏ ଆଦିବାସୀ ଯୁବତୀ, ଯେ କି ଅଶୋକ ନାମକ ଗୋଟିଏ ଯୁବକକୁ ବିବାହ କରିବାକୁ ଚାହୁଁଥିଲା । କିନ୍ତୁ ତା'ର ପିତାମାତା ଏହାର ବିରୋଧ କରିବାରୁ ଦୁହେଁ ଘର ଛାଡି ଚାଲିଯାଇଥିଲେ । ମଥୁରାର ମାତାପିତା ଅଶୋକ ବିରୋଧରେ ପୋଲିସ୍ ଥାନାରେ ଏକ ଅପହରଣ ମାମଲା ରୁଜୁ କରିଥିଲେ । ୧୯୭୨ ମସିହା ମାର୍ଚ୍ଚ ମାସ ୧୨ ତାରିଖ

ରାତିରେ ପୋଲିସ୍ ଅଶୋକ, ମଥୁରା ଏବଂ ତାଙ୍କର କେତେକ ସମ୍ପର୍କୀୟଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ସେମାନଙ୍କର ବୟାନ୍ ଲିପିବଦ୍ଧ କରିସାରିବା ପରେ ପୋଲିସ୍ ମଥୁରା ବ୍ୟତୀତ ସମସ୍ତଙ୍କୁ ଛାଡି ଦେଇଥିଲେ। ଦୁଇ କନେଷ୍ଟବଳ ଗଣପତି ଏବଂ ତୁକାରାମ୍ ମଥୁରାକୁ ଥାନାହାଜତରେ ଅଟକ କରି ରଖିଲେ ଏବଂ ଅନ୍ୟମାନଙ୍କୁ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ। ଅଶୋକ ତା'ର ସମ୍ପର୍କୀୟଙ୍କ ସହ ବାହାରେ ବହୁ ସମୟଧରି ଅପେକ୍ଷା କରିଥିଲେ ମଧ୍ଯ ମଥୁରା ନଆସିବାରୁ ପୁଣି ଥାନାକୁ ଫେରି ମଥୁରା ବିଷୟରେ ଜାଣିବାକୁ ଚାହିଁଲେ। ତୁକାରାମ ଓ ଗଣପତି କହିଥିଲେ ଯେ ମଥୁରା ଅନେକ ବେଳୁ ଚାଲିଗଲାଣି। କିନ୍ତୁ ସେତିକି ବେଳେ ମଥୁରା କାନ୍ଦିକାନ୍ଦି ଆସି ଏହି କନେଷ୍ଟବଳ ଦ୍ୱୟ ତାଙ୍କୁ ଧର୍ଷଣ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଘଟଣା ଚାରିଆଡେ ବ୍ୟାପି ଯାଇଥିଲା ଏବଂ ତା' ପରଦିନ ସମସ୍ତ ଗ୍ରାମବାସୀ ଥାନା ଉପରେ ଚଢ଼ଉ କରିଥିଲେ । ଏହି କନେଷ୍ଟବଳ ଦ୍ୱୟଙ୍କୁ ଗିରଫ କରାଯାଇଥିଲା।

ବିଭିନ୍ନ ଅଦାଲତର ଶୁଣାଣି ଓ ରାୟ ମାଧ୍ୟମରେ ପ୍ରକୃତ କାହାଣୀ ଉନ୍ମୋଚିତ ହୋଇଥିଲା। ପ୍ରଥମେ ଦୌରାଜଜ୍ ଧର୍ଷଣର କୌଣସି ପ୍ରମାଣ ନଥିବାରୁ ମଥୁରା ମିଛ କହୁଛି ବୋଲି ଟିପ୍ପଣୀ କରିଥିଲେ। ଏପରିକି ଡାକ୍ତରୀ ରିପୋର୍ଟରେ ଧର୍ଷଣର କୌଣସି ପ୍ରମାଣ ମିଳିନଥିଲା। ଏହି ଆସାମୀ ଦ୍ୱୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ୍ ହୋଇ ଯାଇଥିଲେ। ଏହାପରେ ବମ୍ବେ ହାଇକୋର୍ଟରେ ପୁନଃବିଚାର ପାଇଁ ଆବେଦନ କରାଗଲା। ସମସ୍ତ ଯୁକ୍ତିକୁ ବିଚାର କରି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ମଥୁରା ଶରୀରରେ କୌଣସି ଚିହ୍ନ ନଥିବା ଏବଂ ସେ ଚିତ୍କାର ନକରିବା ଦ୍ୱାରା ଏହା ପ୍ରମାଣ ହେଉନାହିଁ ଯେ ମଥୁରା ସ୍ୱଇଚ୍ଛାରେ ଏହି କନେଷ୍ଟବଳ ଦ୍ୱୟଙ୍କ ସହ ଯୌନ ସମ୍ପର୍କ ରଖିଅଛି। ପୁଣି ଅଶୋକ ବିରୋଧରେ ଥିବା କେସ୍ ଏବଂ ରାତ୍ରିକାଳ ହୋଇଥିବା କାରଣରୁ ହୁଏତ ମଥୁରା ମନରେ ଭୟ ସୃଷ୍ଟି ହୋଇଥାଇପାରେ। ସୁତରାଂ ହାଇକୋର୍ଟ ଏହି କନେଷ୍ଟବଳ ଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରି ଜଣକୁ ୫ ବର୍ଷ ଏବଂ ଅନ୍ୟଜଣକୁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି କନେଷ୍ଟବଳ ଦ୍ୱୟ ସୁପ୍ରିମ୍ କୋର୍ଟରେ ଏହି ରାୟ ବିରୋଧରେ ଆବେଦନ କରିଥିଲେ। ସୁପ୍ରିମ୍ କୋର୍ଟ ସେମାନଙ୍କ ସପକ୍ଷରେ ଯୁକ୍ତି ଦେଇ କହିଥିଲେ ଯେ, ମଥୁରା ଯେହେତୁ ପୋଲିସ୍‌ମାନଙ୍କୁ ଧର୍ଷଣ ବେଳେ ବାଧା ଦେଇନାହିଁ, ତେଣୁ ଏହାକୁ ଧର୍ଷଣ କୁହାଯିବ ନାହିଁ (ଦ୍ରଷ୍ଟବ୍ୟ: ତୁକାରାମ, ୧୯୭୮ ସି.ଆର୍.ଏଲ୍..ଜେ. ୧୮୬୪ ଏସ୍.ସି.) । ସମଗ୍ର ଭାରତ ବର୍ଷର ନାରୀ ସମାଜ ସୁପ୍ରିମ୍ କୋର୍ଟରେ ଏପରି ଏକ ବ୍ୟାଖ୍ୟାରେ ମର୍ମାହତ ହୋଇ ଆନ୍ଦୋଳନ ଆରମ୍ଭ କରିଦେଲେ ଏବଂ ସେହି ସମୟରେ ଧର୍ଷଣ ଆଇନ୍‌ର ସଂଶୋଧନ ପାଇଁ ସ୍ୱର ଉତ୍ତୋଳନ ହୋଇଥିଲା। ଏହି ଆନ୍ଦୋଳନ 'ଲରେ ୧୯୮୩ରେ ଫୌଜଦାରି ଆଇନ୍ ସଂଶୋଧନ ଗୃହୀତ ହେଲା। ଏହି ସଂଶୋଧନ ଫଳରେ ଭାରତୀୟ ଦଣ୍ଡବିଧି ସଂହତା ୧୮୬୦ର ଦଫା ୩୭୫ (ଧର୍ଷଣ) ଓ ୩୭୬(ଧର୍ଷଣ ପାଇଁ ଦଣ୍ଡବିଧାନ)ରେ ବ୍ୟାପକ ପରିବର୍ତ୍ତନ କରାଯିବା ସହ କେତେକ ନୂଆ ଉପଦଫା ଯୋଡାଗଲା, ଯଥା, ୩୭୬-ଏ (ନ୍ୟାୟିକ ବିଚ୍ଛେଦ ସମୟରେ ସ୍ତ୍ରୀର ଅନିଚ୍ଛା ସତ୍ତ୍ୱେ ସ୍ୱାମୀ ଦ୍ୱାରା ତାଙ୍କ ସହ ଯୌନସଂଭୋଗ ), ୩୭୬-ବି (ହେପାଜତ୍‌ରେ ଥିବା ମହିଳା ସହ ଜଣେ ସର୍ବସାଧାରଣ କର୍ମଚାରୀଙ୍କ ଦ୍ୱାରା ଯୌନ ସଂଭୋଗ), ୩୭୬-ସି (ଜେଲ୍ ବା ଆଶ୍ରୟ ଗୃହର ତତ୍ତ୍ୱାବଧାରକଙ୍କ ଦ୍ୱାରା ଯୌନସଂଭୋଗ) ଏବଂ ୩୭୬-ଡି (ଜଣେ ରୋଗୀ ସହିତ ଡାକ୍ତରଖାନାର ପରିଚାଳକ ବା କର୍ମଚାରୀଙ୍କ ଦ୍ୱାରା ଯୌନସଂଭୋଗ)। ଏହାଛଡା ସାକ୍ଷ୍ୟ-ପ୍ରମାଣ ଆଇନ୍‌ରେ ଏକ ନୂଆ ବ୍ୟବସ୍ଥା ଯୋଡାଗଲା, ଦଫା-୧୧୪(ଏ), ଯାହା ଅନୁଯାୟୀ ଯଦି ଅପରାଧର ଶିକାର ହୋଇଥିବା ମହିଳା ଜଣକ କୁହନ୍ତି ଯେ, ସେ ଯୌନସଂଭୋଗ ପାଇଁ ସମ୍ମତି ଦେଇନଥିଲେ, ତେବେ ତାଙ୍କର ବକ୍ତବ୍ୟକୁ ସତ୍ୟ ବୋଲି ଧରିନିଆଯିବ।

# ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା

ପରିବାର ମଧ୍ୟରେ ଜଣେ ମହିଳା ବିଭିନ୍ନ ପ୍ରକାର ହିଂସା ଓ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିଲେ ହେଁ ସେ ପ୍ରକାର ଘଟଣା କ୍ୱଚିତ୍ ପଦାରେ ପ୍ରକାଶ ପାଇଥାଏ । ପାରିବାରିକ ହିଂସାର ବିବିଧ ରୂପ ଭିତରୁ ଯୌତୁକ ନିର୍ଯ୍ୟାତନା ଅନେକ ସମୟରେ ବାହାରକୁ ଜଣାପଡିଥାଏ; ପୁଣି ଜଣେ ମଦ୍ୟପ ସ୍ୱାମୀ ସ୍ତ୍ରୀକୁ ନିର୍ଯ୍ୟାତନା କରୁଥିବାର ଘଟଣା ମଧ୍ୟ ବାହାରକୁ ଜଣାପଡିଥାଏ । କିନ୍ତୁ ଦୈନନ୍ଦିନ ଜୀବନରେ ସ୍ତ୍ରୀକୁ ଗାଳିଗୁଲଜ, ଅପମାନ ଏବଂ କଥା କଥାରେ ପୁରୁଷ ତାଙ୍କୁ ଏକ ନୀଚ ସ୍ଥାନରେ ରଖି ମାନସିକ ନିର୍ଯ୍ୟାତନା ଦେବାର ଆଚରଣ ପଦାକୁ ଆସି ପାରିନଥାଏ । କିନ୍ତୁ ପରିବାର ମଧ୍ୟରେ ଏପରି ହିନିମାନିଆ ଆଚରଣ, ଯାହାକି ହିଂସାର ଅନ୍ୟନାମ, ତାହା ଫଳରେ ମହିଳାମାନଙ୍କ ମଧରେ ହୀନମନ୍ୟତା ବୃଦ୍ଧି ପାଇଥାଏ, ଏବଂ ନିଜକୁ ଅକ୍ଷମ ଏବଂ ଅଯୋଗ୍ୟ ବୋଲି ଜଣେ ମହିଳାଙ୍କ ଭିତରେ ଏକ ବିଶ୍ୱାସ ଜମାଟ ବାନ୍ଧିଚାଲେ ଏବଂ ଏପରି ଦୁର୍ବ୍ୟବହାର ପାଇବାର ପାତ୍ରୀ ବୋଲି ସେ ନିଜକୁ ମନେ କରି ନେଇଥାଏ। କିନ୍ତୁ ନିର୍ଯ୍ୟାତନା ସହ୍ୟ କରିବାର ସୀମା ଅତିକ୍ରମ କଲାପରେ ଜଣେ ମହିଳା ଶେଷ ମୂହୁର୍ତ୍ତରେ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହୋଇଥାଏ। ତେଣୁ ପାରିବାରିକ ହିଂସା କ୍ଷେତ୍ରରେ ଆଇନ୍ ସହାୟତା ଚାହୁଁଥିବା ମହିଳାର ସ୍ଥିତି ବୁଝିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

**ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ପାରିବାରିକ ହିଂସାର ସଂଜ୍ଞାୟନ:**

୧. ପ୍ରହାର କରି ଶାରୀରିକ ଆଘାତ ଦେବା।

୨. ପିତା, ମାତା ଓ ସନ୍ତାନଙ୍କ ସହ ସମ୍ପର୍କ ରଖିବା ପାଇଁ ଅନୁମତି ନଦେବା।

୩. ଘରେ ବନ୍ଦୀ କରି ରଖିବା ଏବଂ ସାମାଜିକ ସମ୍ପର୍କ ରଖିବାରେ ବାଧା ଦେବା।

୪. ବାରମ୍ବାର ସନ୍ତାନମାନଙ୍କ ସମ୍ମୁଖରେ ଅପମାନିତ କରିବା ଏବଂ ସର୍ବଦା ଆଶଂକିତ ଅବସ୍ଥାରେ ରଖିବା।

୫. ସନ୍ତାନମାନଙ୍କର ସେ ଜନ୍ମଦାୟୀ ପିତା ନୁହଁନ୍ତି ବୋଲି ବାରମ୍ବାର କହି ମାନସିକ ଆଘାତ ଦେବା।

୬. ତାଲା ବନ୍ଦକରି କୋଠରୀରେ ରଖିବା।

୭. ଯୌତୁକ ନଆଣିଲେ ଛାଡପତ୍ରର ଧମକ ଦେବା।

୮. ସର୍ବଦା ଗାଳିଗୁଲଜ କରିବା ଓ ହୀନ ଦୃଷ୍ଟିରେ ଦେଖି ମାନସିକ ନିର୍ଯ୍ୟାତନା ଦେବା।

୯. ଘରର ଖର୍ଚ୍ଚପାଇଁ ଯଥେଷ୍ଟ ଅର୍ଥ ନଦେବା ଏବଂ ଭୋକିଲା ରହିବା ପାଇଁ ବାଧ କରିବା।

୧୦. ଅପ୍ରାକୃତିକ ଯୌନ ସମ୍ପର୍କ ପାଇଁ ବାଧ୍ୟ କରିବା।

# ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୪୯୮-ଏ

ଇଂରେଜମାନଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ମୂଳ ଟାକାରେ ମହିଳାମାନଙ୍କ ପ୍ରତି ଅନ୍ୟାନ୍ୟ ବହୁ ଅପରାଧ ସମ୍ବନ୍ଧରେ ବିଶଦ୍ ପ୍ରାବ୍ଧାନମାନ ସ୍ଥାନିତ ହୋଇଥିଲେ ହେଁ ୧୯୮୩ର ସଂଶୋଧନ ପର୍ଯ୍ୟନ୍ତ ଏଥିରେ ମହିଳାମାନଙ୍କ ପ୍ରତି ଅହୋରାତ୍ର ଘଟୁଥିବା ଘରୋଇ ହିଂସା ଉପରେ କୌଣସି ବ୍ୟବସ୍ଥା ନଥିଲା। ଉପରୋକ୍ତ ସଂଶୋଧନ ଫଳରେ ଏକ ନୂଆ ଦଫା (୪୯୮-ଏ) ଯୋଡାଗଲା। ଏଥରେ କୁହାଯାଇଛି ଯେ, ଜଣେ ବିବାହିତା ମହିଳା ଉପରେ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟଙ୍କ ଦ୍ୱାରା କ୍ରୁରତା ଆଚରଣ କରାଯାଉଥାଏ, ତେବେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ତଥା ଜୋରିମାନାରେଦଣ୍ଡିତ କରାଯିବ। ଏହି ଅପରାଧ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅଟେ ଏବଂ ଏହାର ଫଇସଲା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ କରାଯିବ। ଏହି ଦଫାରେ 'କ୍ରୁରତା' ଶବ୍ଦର ବ୍ୟାଖ୍ୟା ଉଦ୍ଦେଶ୍ୟରେ ଦୁଇଟି ସ୍ପଷ୍ଟୀକରଣ ଦିଆଯାଇଛି। ପ୍ରଥମ ସ୍ପଷ୍ଟୀକରଣ ଅନୁଯାୟୀ କ୍ରୁରତା କହିଲେ ଜଣେ ମହିଳାଙ୍କ ପ୍ରତି ଏପରି ଆଚରଣ, ଯାହା ଫଳରେ ସେ ଆତ୍ମହତ୍ୟା କରିବା ପାଇଁ ପଛେଇବେନି ଏବଂ ଯାହା ଫଳରେ ସେ ଗୁରୁତର ଭାବେ ଆଘାତପ୍ରାପ୍ତ ହେବା ବା ତାଙ୍କ ଜୀବନ ବା ଅଙ୍ଗପ୍ରତ୍ୟଙ୍ଗ ବା ଶାରିରୀକ ଅବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ। ଦ୍ୱିତୀୟ ସ୍ପଷ୍ଟୀକରଣ ଅନୁଯାୟୀ, କ୍ରୁରତା କହିଲେ କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂ ପାଇବା ପାଇଁ ଏକ ଅବୈଧ ଦାବୀ ସକାଶେ ଅଥବା ଏପରି ଦାବୀ ସଂପୃକ୍ତ ମହିଳା ବା ତାଙ୍କର ସଂପର୍କୀୟଙ୍କ ଦ୍ୱାରା ପୂରଣ କରାନଯିବାରୁ ସେହି ମହିଳାଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା।

ଅଭିଜ୍ଞତାରୁ ଦେଖାଗଲା ଯେ, ଦଫା-୪୯୮(ଏ)କୁ କେବଳ ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ବ୍ୟବହାର କରାଗଲା, ଯାହା ଫଳରେ କି ଜଣେ ବିବାହିତା ମହିଳା ଅନ୍ୟ ଯେତେ କାରଣରୁ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥାଏ ସେଗୁଡିକ ପୋଲିସ୍ କିମ୍ବା ଅଦାଲତ ସାମନାକୁ ଆସିଲା ନାହିଁ। ଏହାଛଡା ଯେଉଁସ୍ଥଳରେ ଅନ୍ୟକାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ବିବାଦ ଥାଏ, ସେପରି ସ୍ଥଳେ ମଧ୍ୟ ମହିଳା ପକ୍ଷ କପୋଳକଳ୍ପିତ ଯୌତୁକ କାରଣ ଦେଖାଇ ସ୍ୱାମୀଙ୍କ ପକ୍ଷ ବିରୁଦ୍ଧରେ କେଶ୍ ରୁଜୁ କରିଚାଲିଲେ। ଏହା ଫଳରେ ଯୌତୁକ ନିରୋଧ ଆଇନ୍ ୧୯୬୧ ଭଳି ଦଫା ୪୯୮(ଏ)ର ମଧ୍ୟ ବହୁଳ ଅପବ୍ୟବହାର ଘଟିଲା।

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫

ଆମେ ଲକ୍ଷ୍ୟ କରିସାରିଛେ ଯେ, ଅଦ୍ୟାବଧି ଘରୋଇ ହିଂସାର ପ୍ରତିକାର ପାଇଁ ଆମ ଦେଶରେ କୌଣସି ସାମଗ୍ରୀକ ଆଇନ୍ ନଥିଲା । ଏହାଛଡା ଘରୋଇ ହିଂସାର ଶିକାର ହୋଇଥିବା ମହିଳା ଓ ତା'ର ପିଲାପିଲିଙ୍କର ତୁରନ୍ତ ଆଶ୍ରୟ, ଖାଦ୍ୟପେୟ ଏବଂ ଦୀର୍ଘସ୍ଥାୟୀ ଥଇଥାନର ମଧ୍ୟ କୌଣସି ବୈଧାନିକ ବ୍ୟବସ୍ଥା ନଥିଲା । ଏହି ବିରାଟ ଅଭାବର ଦୂରୀକରଣ ନିମନ୍ତେ ସଂସଦ ଦ୍ୱାରା ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଆଇନ୍ ୨୦୦୫ ପ୍ରଣୟନ କରାଯାଇଛି ।

ମହିଳା ସଂଗଠନମାନଙ୍କର ଲଗାତାର ଆନ୍ଦୋଳନ ଫଳରେ ପ୍ରଥମେ ୨୦୦୧ରେ କେନ୍ଦ୍ର ସରକାର ଲୋକସଭାରେ ଘରୋଇ ହିଂସା ସମ୍ପର୍କୀତ ଚିଠାବିଧେୟକ ଆଗତ କରିଥିଲେ। ତା'ପରେ ସଂସଦୀୟ କମିଟି ଏହି ଚିଠା ବିଧେୟକ ଉପରେ ସାରାଦେଶରୁ ମତାମତ ଲୋଡିଥିଲେ। ସେତେବେଳେ ବହୁ ମହିଳା ସଂଗଠନ ସଭାସମିତି, ବିକ୍ଷୋଭ ଓ ଶୋଭାଯାତ୍ରା ଇତ୍ୟାଦି ମାଧ୍ୟମରେ ଏକ ଶକ୍ତିଶାଳୀ ଘରୋଇ ହିଂସା ନିରୋଧ ଆଇନ୍ ଚାଲୁ କରିବା ପାଇଁ ଦାବୀ ଜଣାଇଥିଲେ। କିନ୍ତୁ ବିଧେୟକଟି ସଂସଦରେ ଗୃହୀତ ହେବା ପୂର୍ବରୁ ଲୋକସଭା ଭାଙ୍ଗି ଯାଇଥିଲା। ନୂତନ ୟୁ.ପି.ଏ. ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ୨୦୦୫ରେ ଘରୋଇହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ସଂସଦରେ ଗୃହୀତ ହୋଇଥିଲା। କିନ୍ତୁ ଏହାର ନିୟମାବଳୀ ପ୍ରଣୟନ ହୋଇନଥିବାରୁ ଆଇନ୍‌ଟି ସଙ୍ଗେସଙ୍ଗେ ବଳବତ୍ତର ହୋଇପାରିନଥିଲା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ସରକାରଙ୍କ ଠାରୁ ନିୟମାବଳୀ ସମ୍ବନ୍ଧରେ ମତାମତ ଲୋଡିଥିଲେ। ତା'ପରେ କେନ୍ଦ୍ର ସରକାର ନିୟମାବଳୀ ପ୍ରଣୟନ କରିଥିଲେ ଓ ୧୭ ଅକ୍ଟୋବର ୨୦୦୬ରେ ଏହାର ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ଅନୁଯାୟୀ ୨୬ ଅକ୍ଟୋବର ୨୦୦୬ଠାରୁ ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍ ସାରା ଦେଶରେ ବଳବତ୍ତର ହେଲା। ପ୍ରତି ରାଜ୍ୟ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ପ୍ରତି ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରଦାନକାରୀ ଏବଂ ପରାମର୍ଶଦାତା ସଂସ୍ଥାଙ୍କୁ ନିଯୁକ୍ତ କରିବେ ବୋଲି ବ୍ୟବସ୍ଥା ରହିଛି । ଦେଓ୍ୱାନି ଆଇନ୍ ରୀତିରେ ସମୟବଦ୍ଧ ଢଙ୍ଗରେ ବ୍ୟଥିତା ମହିଳା ଓ ଶିଶୁଙ୍କୁ ଆଶ୍ରୟ ତଥା ତୁରନ୍ତ ଓ ଦୀର୍ଘସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ଏହି ଆଇନ୍‌ର ପ୍ରମୁଖ ଉଦ୍ଦେଶ୍ୟ।

## ଘରୋଇ ହିଂସା କବଳରୁ ସୁରକ୍ଷା ଆଇନ୍‌ର ବୈଶିଷ୍ଟ୍ୟମାନ-

ଏହି ଆଇନ୍‌ରେ ୫ଟି ଅଧ୍ୟାୟ ଓ ୩୭ଟି ଧାରା ରହିଛି । ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା,

୧- 'ବ୍ୟଥିତ ବ୍ୟକ୍ତି' ର ସଂଜ୍ଞା ଅତ୍ୟନ୍ତ ବ୍ୟାପକ। କେବଳ ବିବାହିତ ସ୍ତ୍ରୀ ନୁହେଁ, ବରଂ ଯେ କୌଣସି ମହିଳା ଯଦି ଗୋଟିଏ ପୁରୁଷ ସହ ଯୌନ ସଂପର୍କରେ ଜଡିତ ହୋଇଥିବେ, ତେବେ ସେ ମଧ୍ୟ ଏହି ସଂଜ୍ଞାର ପରିସରଭୁକ୍ତ ହେବେ। ପୁଣି ଝିଅ, ମା, ଭଉଣୀ, ଶିଶୁ (ପୁଅ ବା ଝିଅ), ବିଧବା, ବସ୍ତୁତଃ ଯେ କୌଣସି ମହିଳା ଯେ କି ପରିବାର ଭିତରେ ରହୁଥିବେ ଏବଂ କୌଣସି ନା କୌଣସି ପ୍ରକାରେ ଅଭିଯୁକ୍ତଙ୍କ ସହ ସଂପର୍କୀତ ହୋଇଥିବେ, ସେ ଏହି ସଂଜ୍ଞାର ପରିସରଭୁକ୍ତ ହୋଇପାରିବେ। (ଧାରା ୨-ଏ)।

୨- ଘରୋଇ ହିଂସା'ର ସଂଜ୍ଞାକୁ ଏପରି ବ୍ୟାପକ କରି ଦିଆଯାଇଛି, ଯାହା ଫଳରେ ସମସ୍ତ ପ୍ରକାର ହିଂସା ଏହା ଭିତରେ ପରିସରଭୁକ୍ତ ହୋଇପାରିବ। ଶାରୀରିକ, ଯୌନଗତ, ବାକ୍-ଜନିତ, ଆବେଗଗତ, ଅଥବା ଆର୍ଥିକ ଦୁର୍ବ୍ୟବହାର ଯାହା ଫଳରେ ଅଭିଯୋକ୍ତାଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା,

ଜୀବନ, ଦୈହିକ ଅଙ୍ଗ ଅଥବା ଦୈହିକ ବା ମାନସିକ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହେଉଥିବ ବା ହେବାର ଆଶଙ୍କା ଥିବ, ତାହା 'ଘରୋଇ ହିଂସା'ର ସଂଜ୍ଞାର ପରିସରଭୁକ୍ତ ହୋଇପାରିବ। (ଧାରା ୨-ଜି)।

୩- 'ମାଜିଷ୍ଟ୍ରେଟ୍' ବୋଇଲେ ପ୍ରଥମ ଶ୍ରେଣୀର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଅଥବା ସ୍ଥଳ ବିଶେଷରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଯାହାଙ୍କର ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩(୧୯୭୪) ଅନୁଯାୟୀ ସଂପୃକ୍ତ ଅଞ୍ଚଳ ଉପରେ କ୍ଷେତ୍ରାଧିକାର ରହିଥିବ। ସଂପୃକ୍ତ ଅଞ୍ଚଳ ବୋଇଲେ ସେହି ଅଞ୍ଚଳ, ଯେଉଁଠି ଅଭିଯୋକ୍ତା ଅସ୍ଥାୟୀ ବା ସ୍ଥାୟୀ ଭାବରେ ବାସ କରୁଥିବେ ବା ଅଭିଯୁକ୍ତ ବାସ କରୁଥିବେ ଅଥବା ଯେଉଁ ଅଞ୍ଚଳରେ ଘଟଣାଟି ଘଟିଛି ବୋଲି ଅଭିଯୋକ୍ତାଙ୍କ ଦ୍ୱାରା ଦର୍ଶାଇତ ହୋଇଥିବ। (ଧାରା ୨-ଆଇ)।

୪- 'ଅଭିଯୁକ୍ତ' ବୋଇଲେ ଯେ କୌଣସି ବୟସ୍କ ପୁରୁଷ ବ୍ୟକ୍ତି ଯେ କି ଅଭିଯୋକ୍ତାଙ୍କ ସହ ଘରୋଇ ସଂପର୍କରେ ଆବଦ୍ଧ ଥିବେ, ଏବଂ ଯାହାଙ୍କବିରୁଦ୍ଧରେ ଅଭିଯୋକ୍ତା ଅଭିଯୋଗ କରିଛନ୍ତି। ଏହାଛଡା ଅଭିଯୋକ୍ତା ସ୍ୱାମିଙ୍କ ସଂପର୍କୀୟଙ୍କ ବିରୁଦ୍ଧରେ ତଥା ପୁରୁଷ ଯୌନ-ସାଥୀଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆଣିପାରନ୍ତି। ( ଧାରା ୨- କ୍ୟୁ)।

୫- ଘରୋଇ ହିଂସା ସଂବନ୍ଧରେ ଗୋଟିଏ ଅଭିଯୋଗ କେବଳ ଯେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଏର୍ ହେବା ଜରୁରୀ, ତାହା ନୁହେଁ। ବରଂ ଏହା ଯେ କୌଣସି ବ୍ୟକ୍ତି ଦ୍ୱାରା ଦାଏର୍ ହୋଇପାରିବ, ଯେ କି ବିଶ୍ୱାସ କରନ୍ତି ଯେ, ଘରୋଇ ହିଂସାର ଗୋଟିଏ ଘଟଣା ଘଟିଛି। ଏହାର ଅର୍ଥ, ଜଣେ ପଡୋଶୀ, ସମାଜକର୍ମୀ ଅଥବା ସଂପର୍କୀୟ ମଧ୍ୟ ଅଭିଯୋଗ ଦାଏର୍ କରିପାରିବେ। ଏଭଳି ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଦେଓ୍ୱାନି କିମ୍ବା ଫୌଜଦାରୀ ଦାୟଦାୟିତ୍ୱ ପ୍ରଯୁଜ୍ୟ ହେବନି। (ଧାରା ୪)।

୬- ପୋଲିସ୍ ଅଧିକାରୀ, ସୁରକ୍ଷା ଅଧିକାରୀ, ସେବା-ସଂସ୍ଥା, ଅଥବା ମାଜିଷ୍ଟ୍ରେଟ୍, ଯେ କି ଘରୋଇ ହିଂସାର ଏକ ଘଟଣା ସମ୍ବନ୍ଧରେ ରିପୋର୍ଟ ପାଆନ୍ତି ଅଥବା ନିଜେ ସେଭଳି ଏକ ଘଟଣାକୁ ପ୍ରତ୍ୟକ୍ଷ କରନ୍ତି, ତାଙ୍କର କର୍ତ୍ତବ୍ୟ ହେବ ବ୍ୟଥିତ ହୋଇଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟରେ ଜଣାଇବା- (କ) ସେ ଯଦି ସୁରକ୍ଷା, ଆର୍ଥିକ ସହାୟତା, ନିରାପଦ ରହଣି, ବାସସ୍ଥାନ ବା କ୍ଷତିପୂରଣ ଚାହୁଁଥିବେ, ତେବେ ଏଥିପାଇଁ ଆବେଦନ କରିବାର ଅଧିକାର, (ଖ) ବିଭିନ୍ନ ସେବାସଂସ୍ଥା ଠାରେ ଉପଲବ୍ଧ ହେଉଥିବା ସହାୟତା, (ଗ) ସୁରକ୍ଷା ଅଧିକାରୀଙ୍କ ଠାରୁ ମିଳିବାକୁ ଥିବା ସହାୟତା, (ଘ) ମାଗଣା ଆଇନ୍ ସହାୟତା ପାଇବାର ଅଧିକାର, (ଙ) ଏବଂ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୪୯୮-ଏ ଅଧୀନରେ ଅଭିଯୋଗ କରିବା ପାଇଁ ଅଧିକାର। (ଧାରା-୫)।

୭- ପ୍ରତି ରାଜ୍ୟ ସରକାର ଗୋଟିଏ ଜିଲ୍ଲା ପାଇଁ ବିଜ୍ଞପ୍ତି ଦ୍ୱାରା ଆବଶ୍ୟକ ମତେ ଯଥେଷ୍ଟ ସଂଖ୍ୟକ ସୁରକ୍ଷା ଅଧିକାରୀ ନିଯୁକ୍ତ କରିବେ, ଯେଉଁମାନେ କି ଯଥାସମ୍ଭବ ମହିଳା ହୋଇଥିବେ। ପ୍ରତି ସୁରକ୍ଷା ଅଧିକାରୀ କେଉଁ ଅଞ୍ଚଳ ପାଇଁ ତାଙ୍କ ଉପରେ ନ୍ୟସ୍ତ କ୍ଷମତା ଓ ଦାୟିତ୍ୱକୁ ସଂପାଦନ କରିବେ ତାହା ମଧ୍ୟ ବିଜ୍ଞପ୍ତିରେ ସୂଚୀତ ହୋଇଥିବ। (ଧାରା-୮)।

୮- ଜଣେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ହେବ- (କ) ଗୋଟିଏ କେଶ୍ ଫଇସଲାରେ ମାଜିଷ୍ଟ୍ରେଟ୍‌ଙ୍କୁ ସହାୟତା ପ୍ରଦାନ କରିବା; (ଖ) ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରି ଏ ବିଷୟରେ ପୋଲିସ୍ ଓ ସେବା-ସଂସ୍ଥାକୁ ଜଣାଇବା, (ଗ) ଯଦି ଅଭିଯୋକ୍ତା ନିଜ ପାଇଁ ସୁରକ୍ଷା ଆଦେଶ

ଚାହୁଁଥାନ୍ତି, ତେବେ ଏ ବିଷୟରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା; (ଘ) ବ୍ୟଥିତ ବ୍ୟକ୍ତିଙ୍କୁ ଆଇନ୍ ସହାୟତା ଯୋଗାଇଦେବା; (ଙ) ଆଇନ୍ , ଚିକିତ୍ସା ଓ ରହଣି ସହାୟତା ପ୍ରଦାନ କରୁଥିବା ବିଭିନ୍ନ ସେବା-ସଂସ୍ଥାମାନଙ୍କର ସୁପ୍ରସ୍ତୁତ ତାଲିକା ନିଜ ପାଖରେ ରଖିବା; (ଚ) ଅଭିଯୋକ୍ତା ଚାହିଁବା ମତେ ତାଙ୍କୁ ଏକ ଆଶ୍ରୟ ଗୃହରେ ଆଶ୍ରୟର ବ୍ୟବସ୍ଥା କରାଇବା ଏବଂ ସେହି ଆଶ୍ରୟ ଗୃହ ଯେଉଁ ଅଞ୍ଚଳରେ ଅବସ୍ଥିତ, ତହିଁର ସଂପୃକ୍ତ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଦେବା; (ଛ) ଆବଶ୍ୟକ ମତେ ବ୍ୟଥିତ ବ୍ୟକ୍ତିଙ୍କର ଡାକ୍ତରୀ ମାଇନା କରିବା; (ଜ) ଆର୍ଥିକ କ୍ଷତିପୂରଣ ପାଇଁ ଜାରି ହୋଇଥିବା ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା; (ଝ) ଅନ୍ୟ ଯେଉଁ ଦାୟିତ୍ୱସବୁ ବିହିତ କରାଯିବ, ସେସବୁକୁ ସଂପାଦନ କରିବା। ନିଜର କର୍ତ୍ତବ୍ୟ ସଂପାଦନ କଲାବେଳେ ସୁରକ୍ଷା ଅଧିକାରୀ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ମାର୍ଗଦର୍ଶନ ଦ୍ୱାରା ପରିଚାଳିତ ହେବେ। (ଧାରା -୯)।

୯- ଯଦି ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ସୁରକ୍ଷା ଅଧିକାରୀ କିମ୍ବା ସେବା ସଂସ୍ଥା କୌଣସି ଏକ ଆଶ୍ରୟ ଗୃହର ପରିଚାଳକଙ୍କୁ ଆଶ୍ରୟ ଯୋଗାଇଦେବା ସକାଶେ ଅନୁରୋଧ ଜଣାନ୍ତି, ତେବେ ସଂପୃକ୍ତ ଆଶ୍ରୟ ଗୃହର ପରିଚାଳକ ବ୍ୟଥିତ ନାଗରିକଙ୍କୁ ନିଜ ଆଶ୍ରୟ ଗୃହରେ ଆଶ୍ରୟ ଯୋଗାଇ ଦେବେ (ଧାରା-୬)। ସେହିପରି ଯଦି ଚିକିତ୍ସା ସେବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏତାଦୃଶ ଅନୁରୋଧ କରାଯାଏ, ତେବେ ସେହି ଅଧିକାରୀ ତାଙ୍କ ସଂସ୍ଥା ତରଫରୁ ବ୍ୟଥିତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇଦେବେ। (ଧାରା ୭)।

୧୦- ବ୍ୟଥିତ ବ୍ୟକ୍ତି ନିଜେ ବା ତାଙ୍କ ତରଫରୁ ଯେ କୌଣସି ବ୍ୟକ୍ତି ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କୌଣସି ଧରଣର ପ୍ରତିକାର ପାଇଁ ଆବେଦନ କରିପାରିବେ। କିନ୍ତୁ ମାଜିଷ୍ଟ୍ରେଟ୍ ଏ ବ୍ୟାପାରରେ କୌଣସି ଆଦେଶ ଦେବା ପୂର୍ବରୁ ସୁରକ୍ଷା ଅଧିକାରୀ କିମ୍ବା ସେବା-ସଂସ୍ଥା ନିକଟରୁ ଯଦି କିଛି ବିବରଣୀ ପାଇଥାନ୍ତି, ତେବେ ତାହାକୁ ବିଚାରକୁ ନେବେ। ମାଜିଷ୍ଟ୍ରେଟ୍ ତାଙ୍କ ଆଦେଶରେ କ୍ଷତିପୂରଣ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଆବେଦନ ମିଳିବାର ୩ ଦିନ ଭିତରେ ଅଭିଯୋଗର ପ୍ରଥମ ଶୁଣାଣି ହେବ। ଏବଂ ପ୍ରଥମ ଶୁଣାଣିର ୩୦ ଦିନ ମଧ୍ୟରେ ଅଭିଯୋଗର ଫଇସଲା କରାଯିବ। (ଧାରା ୧୨)।

୧୧- ମାଜିଷ୍ଟ୍ରେଟ୍ ଶୁଣାଣି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଉଭୟ ପକ୍ଷଙ୍କୁ ଏକାବେଳେ ବା ପ୍ରତି ପକ୍ଷଙ୍କୁ ଅଲଗା ଅଲଗା ଭାବେ ସୁଯୋଗ୍ୟ ପରାମର୍ଶଦାତା ସଂସ୍ଥାଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଏଭଳି ସ୍ଥିତିରେ ସେ ଶୁଣାଣିର ପରବର୍ତ୍ତୀ ତାରିଖ ଏଭଳି ନିର୍ଦ୍ଧାରଣ କରିବେ, ଯାହାକି ଉପରୋକ୍ତ ନିର୍ଦ୍ଦେଶନାମା ଦେବାର ତାରିଖଠାରୁ ଦୁଇମାସରୁ ଅଧିକ ବିଳମ୍ବ ହେଉନଥିବ। (ଧାରା ୧୪)।

୧୨- ବ୍ୟଥିତ ମହିଳା ସେ ପୂର୍ବରୁ ରହୁଥିବା ବାସଗୃହରେ ରହିବାର ଅଧିକାର ଉପଭୋଗ କରିବେ, ଏପରିକି ସେହି ବାସଗୃହରେ ତାଙ୍କର କୌଣସି ସତ୍ତ୍ୱ, ଅଧିକାର ବା ସ୍ୱାର୍ଥ ଥାଉ ବା ନଥାଉ। ଆଇନାନୁମୋଦିତ ପନ୍ଥା ବ୍ୟତିରେକ ତାଙ୍କୁ ଏକ ସହଭାଗୀବାସସ୍ଥଳୀରୁ ନିକାଲି ଦିଆଯାଇପାରିବ ନାହିଁ। (ଧାରା ୧୭)।

୧୩- ବ୍ୟଥିତ ବ୍ୟକ୍ତିଙ୍କୁ ଅସଦାଚାରୀ କବଳରୁ ସୁରକ୍ଷିତ ରଖିବା ପାଇଁ ମାଜିଷ୍ଟ୍ରେଟ୍ ଯେଉଁ ସୁରକ୍ଷା ଆଦେଶ ଜାରି କରିବେ, ସେଥିରେ ଅସଦାଚାରୀଙ୍କୁ ନିମ୍ନୋକ୍ତ ପ୍ରକାର ହିଂସା ଘଟାଇବାରୁ ବାରଣ କରିପାରିବେ, ଯଥା (କ) ଆଉ କୌଣସି ଘରୋଇ ହିଂସା ନଘଟାଇବାକୁ; (ଖ) ଏପ୍ରକାର ହିଂସାକୁ ସହାୟତା ବା ଉସ୍କାନି ଦେବା, (ଗ) ବ୍ୟଥିତ ବ୍ୟକ୍ତି କାରବାର କରୁଥିବା କାର୍ଯ୍ୟସ୍ଥଳୀ ବା ଅନ୍ୟ କୌଣସି ସ୍ଥାନକୁ ପ୍ରବେଶ ନକରିବାକୁ, ଅଥବା ଯଦି ନିର୍ଯ୍ୟାତିତ ହୋଇଥିବା ବ୍ୟକ୍ତି ଜଣକ ଗୋଟିଏ ଶିଶୁ ହୋଇଥାଏ, ତେବେ ସେ ପଢୁଥିବା ବା ରହୁଥିବା ସ୍କୁଲ୍‌କୁ ପ୍ରବେଶ ନକରିବାକୁ, (ଘ) ନିର୍ଯ୍ୟାତିତ ବ୍ୟକ୍ତି ସହ କୌଣସି ପ୍ରକାର ଯୋଗାଯୋଗ ନକରିବାକୁ, (ଙ) ବ୍ୟାଙ୍କ ଡିପୋଜିଟ୍ ସମେତ କୌଣସି ସମ୍ପତ୍ତି, ଯାହାକି ନିର୍ଯ୍ୟାତିତ ବ୍ୟକ୍ତିଙ୍କ ଦ୍ୱାରା ଏକାକୀ ବା ଯୁଗ୍ମଭାବେ ପରିଚାଳିତ ହେଉଥିବ, ସେଥିରେ ନିର୍ଯ୍ୟାତିତାଙ୍କର ହାନି ହେଲା ଭଳି କୌଣସି ପ୍ରକାର ଅଦଳବଦଳ ନକରିବାକୁ, (ଚ) ଘରୋଇ ହିଂସା ବିରୁଦ୍ଧରେ ନିର୍ଯ୍ୟାତିତାଙ୍କ ଲଢେଇରେ ସହାୟତା କରୁଥିବା ତାଙ୍କର କୌଣସି ସଂପର୍କୀୟ ବା ଅନ୍ୟ କୌଣସି ବ୍ୟକ୍ତି ବିରୁଦ୍ଧରେ କୌଣସି ହିଂସାତ୍ମକ ଆଚରଣ ନକରିବାକୁ, (ଛ) ଏହାଛଡା ସୁରକ୍ଷା ଆଦେଶରେ ଆଉ ଯେଉଁ ପ୍ରକାର ବାରଣ ରହିପାରେ। (ଧାରା ୧୮)।

୧୪- ସଂପୃକ୍ତ ମାଜିଷ୍ଟ୍ରେଟ୍ ଯେଉଁ ବାସସ୍ଥଳୀ ଆଦେଶ ଦେବେ, ସେଥିରେ (କ) ସହଭୁକ୍ତ ବାସସ୍ଥଳୀରେ ଅଭିଯୋକ୍ତାଙ୍କ ଅଧିକାରକୁ କୌଣସି ମତେ କ୍ଷୁର୍ଣ୍ଣ କରିବା କାର୍ଯ୍ୟରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରିପାରିବେ, (ଖ) ସହଭୁକ୍ତ ବାସସ୍ଥଳୀରୁ ନିଜକୁ ଅଲଗା କରିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରିବେ, (ଘ) ଅଭିଯୋକ୍ତା ସହଭୁକ୍ତ ବାସସ୍ଥଳୀର ଯେଉଁ ଅଂଶରେ ରହୁଛନ୍ତି, ସେଠାକୁ ଅଭିଯୁକ୍ତ କିମ୍ବା ତାଙ୍କର କେହି ସଂପର୍କୀୟ ଯେମିତି ପ୍ରବେଶ ନକରିବେ, ସେଥିପାଇଁ ନିର୍ଦ୍ଦେଶ ଦେଇପାରିବେ, (ଘ) ସହଭୁକ୍ତ ବାସସ୍ଥଳୀକୁ ବିଭାଜିତ କରିବା, ହସ୍ତାନ୍ତର କରିବା ଅଥବା ତାକୁ ବନ୍ଧକ ରଖିବା ଭଳି କାର୍ଯ୍ୟ କରିବାରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରିବେ, (ଙ) ସହଭୁକ୍ତ ବାସସ୍ଥଳୀରେ ଥିବା ଅଭିଯୁକ୍ତଙ୍କ ଅଧିକାରକୁ ମାଜିଷ୍ଟ୍ରେଟ୍‌ଙ୍କ ବିନା ଅନୁମତିରେ ସେ ଯେପରି ବର୍ଜ୍ଜନ ନକରନ୍ତି, (ଚ) ଅଭିଯୋକ୍ତା ପୂର୍ବରୁ ଭୋଗ କରୁଥିବା ବାସସ୍ଥଳର ସମତୁଲ୍ୟ ବିକଳ୍ପ ବାସସ୍ଥଳୀ ଅଥବା ଏହା ପରିବର୍ତ୍ତେ ସମାନୁପାତିକ ଘରଭଡା ଯୋଗାଇ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ। ପରନ୍ତୁ ଗୋଟିଏ ମହିଳାର ସ୍ୱାର୍ଥ ଉପରେ ଆଞ୍ଚ ଆଣୁଥିବା କୌଣସି ବାସସ୍ଥଳୀ ଆଦେଶ ଦିଆଯାଇ ପାରିବନି। (ଧାରା ୧୯-୧)।

୧୫- ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ପିଲାର ନିରାପତ୍ତାର ସ୍ୱାର୍ଥରେ ମାଜିଷ୍ଟ୍ରେଟ୍ ଅନ୍ୟ କୌଣସି ଅତିରିକ୍ତ ସର୍ତ୍ତାବଳୀ ଆରୋପ କରିପାରନ୍ତି, ନତୁବା ଅନ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରିପାରନ୍ତି; ଯଥା, ଘରୋଇ ହିଂସା ନଘଟେଇବା ପାଇଁ ଅଭିଯୁକ୍ତଙ୍କ ଠାରୁ ସନ୍ତକ ସହିତ ବା ସନ୍ତକ ବ୍ୟତୀତ ଏକ ଚୁକ୍ତିନାମା ଲେଖାଇ ନେଇ ପାରନ୍ତି; ସଂପୃକ୍ତ ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟଥିତ ନାଗରିକ ବା ତାଙ୍କ ତରଫରୁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗାଇ ଦେବା ବା ସହାୟତା ପ୍ରଦାନ ନିମିତ୍ତ ନିକଟତମ ପୋଲିସ୍ ଥାନାର ଭାରପ୍ରାପ୍ତ

ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ; ସଂପୃକ୍ତ ପକ୍ଷମାନଙ୍କର ଆବଶ୍ୟକତା ଏବଂ ସମ୍ବଳକୁ ଦୃଷ୍ଟିରେ ରଖି ଘରଭଡା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ପାଇଁ ଅଭିଯୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି ; ସୁରକ୍ଷା ଆଦେଶର କାର୍ଯ୍ୟକାରିତାରେ ସହାୟତା କରିବା ପାଇଁ ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି ; ସ୍ତ୍ରୀଧନ ଅଥବା ଅନ୍ୟ କୌଣସି ମୂଲ୍ୟବାନ୍ ସମ୍ପତ୍ତି ବା ବସ୍ତୁ, ଯେଉଁଥିରେ ବ୍ୟଥିତ ବ୍ୟକ୍ତିଙ୍କର ହକ୍ ରହିଛି, ସେସବୁକୁ ତାଙ୍କୁ ଫେରସ୍ତ ଦେବା ସକାଶେ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । [ଧାରା ୧୯ (୨- ୮)] ।

୧୬- ଗୋଟିଏ ଆବେଦନର ବିଚାର କରି ଘରୋଇ ହିଂସା ଫଳରେ ନିର୍ଯ୍ୟାତିତା ଅଥବା ତା'ର ପିଲା ସହିଥିବା କ୍ଷତି ଓ ଅର୍ଥବ୍ୟୟକୁ ଭରଣା ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ୍ ସଂପୃକ୍ତ ଅଭିଯୁକ୍ତଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏବଂ ଏହି କ୍ଷତିପୂରଣ ଭିତରେ ନିମ୍ନୋକ୍ତ ପାଉଣାମାନ ଅନ୍ତର୍ଭୁକ୍ତ ହୋଇପାରେ (କ) ରୋଜଗାର ହରାଇବା ଜନିତ କ୍ଷତି, (ଖ) ଚିକିତ୍ସା ଖର୍ଚ୍ଚ, (ଗ) ବ୍ୟଥିତ ବ୍ୟକ୍ତିରନିୟନ୍ତ୍ରଣରେ ଥିବା ସମ୍ପତ୍ତିକୁ ନଷ୍ଟ, ଭଙ୍ଗାରୁଜା ବା ସ୍ଥାନାନ୍ତର କରିବା ଫଳରେ ଘଟିଥିବା କ୍ଷତି, ଏବଂ (ଘ) ବ୍ୟଥିତ ବ୍ୟକ୍ତି ଏବଂ ଯଦି ତାଙ୍କର ପିଲା ଥାଏ, ତେବେ ଉଭୟଙ୍କର ଭରଣପୋଷଣ । ଯେଉଁ ଆର୍ଥିକ କ୍ଷତିପୂରଣ ମଞ୍ଜୁର କରାଯିବ, ତାହା ପର୍ଯ୍ୟାପ୍ତ, ଓ ଯଥୋଚିତ ହୋଇଥିବା ବିଧେୟ ତଥା ତାହା ବ୍ୟଥିତ ବ୍ୟକ୍ତି ପୂର୍ବରୁ ଯେଉଁ ଜୀବନର ମାନଦଣ୍ଡରେ ଅଭ୍ୟସ୍ତ, ତାହା ସହିତ ସମତୁଲ୍ୟ ହେଉଥିବା ଆବଶ୍ୟକ । ଭରଣପୋଷଣ ବାବଦରେ ମଞ୍ଜୁର ହୋଇଥିବା ଯଥାର୍ଥ ଅର୍ଥରାଶିକୁ ଏକାଥରେ ମୋଟା ଆକାରରେ ଅଥବା ଆବଶ୍ୟକ ପଡିଲେ ମାସିକ କିସ୍ତି ଆକାରରେ ଦିଆଯିବ ବୋଲି ଆଦେଶ ଦେବା ସକାଶେ ମାଜିଷ୍ଟ୍ରେଟ୍‌ଙ୍କର କ୍ଷମତା ରହିବ । ଆର୍ଥିକ କ୍ଷତିପୂରଣ ସମ୍ବନ୍ଧରେ ତାଙ୍କର ଆଦେଶକୁ ମାଜିଷ୍ଟ୍ରେଟ୍ ସଂପୃକ୍ତ ପକ୍ଷମାନଙ୍କୁ ତଥା ଏହାର ନକଲକୁ ସଂପୃକ୍ତ ପୋଲିସ୍ ଥାନାକୁ ପଠାଇବେ । ଅଭିଯୁକ୍ତ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ସେହି ଆର୍ଥିକ କ୍ଷତିପୂରଣକୁ ବ୍ୟଥିତ ବ୍ୟକ୍ତିଙ୍କୁ ପ୍ରଦାନ କରିବେ । ଯଦି ଅଭିଯୁକ୍ତ ସମୟୋଚିତ ଢଙ୍ଗରେ ଏହି ଅର୍ଥ ପ୍ରଦାନ କରିବାରେ ବିଳମ୍ବ କରନ୍ତି, ତେବେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କ ନିଯୁକ୍ତିକର୍ତ୍ତା ବା ଋଣଗ୍ରହୀତାଙ୍କୁ ନିର୍ଦ୍ଦେଶ ଦେଇପାରିବେ, ସେମାନେ ଅଭିଯୁକ୍ତ ପାଇବାକୁ ଥିବା ଯଥାସ୍ଥିତି ପାରିଶ୍ରମିକ ବା ଋଣ ପରିଶୋଧ ବାବଦ କିଛି ଅର୍ଥକୁ ସିଧାସଳଖ ବ୍ୟଥିତ ବ୍ୟକ୍ତିଙ୍କୁ ଦେଇଦେବେ ନଚେତ୍ କୋର୍ଟ ପାଖରେ ଜମା କରିବେ, ଯାହାକି ବ୍ୟଥିତ ବ୍ୟକ୍ତିଙ୍କୁ କ୍ଷତିଭରଣା ଅର୍ଥ ଭିତରେ ଅନ୍ତର୍ଭୁକ୍ତ ହେବ । (ଧାରା ୨୦) ।

୧୭- ବ୍ୟଥିତ ବ୍ୟକ୍ତି ବା ଅଭିଯୁକ୍ତଙ୍କ ଠାରୁ କୌଣସି ଆବେଦନ ପାଇଲା ପରେ ଯଦି ମାଜିଷ୍ଟ୍ରେଟ୍ ହୃଦବୋଧ କରନ୍ତି ଯେ, ପରିସ୍ଥିତିରେ ଏପରି କିଛି ପରିବର୍ତ୍ତନ ଘଟିଛି, ଯାହା ଫଳରେ ବର୍ତ୍ତମାନ ବଳବତ୍ତର ଥିବା ଆଦେଶରେ କିଛି ପରିବର୍ତ୍ତନ, ସଂଶୋଧନ ବା ଅଦଳବଦଳ କରିବା ଆବଶ୍ୟକ, ତେବେ ସେ ଲିଖିତ କାରଣ ଦର୍ଶାଇ ଆଉ ଏକ ସମୁଚିତ ଆଦେଶ ଜାରି କରିପାରନ୍ତି । (ଧାରା ୨୫) ।

୧୮- ଏହି ଆଇନ୍ ଅଧୀନରେ ବ୍ୟଥିତ ବ୍ୟକ୍ତି ଓ ଅଭିଯୁକ୍ତଙ୍କୁ ପ୍ରଭାବିତ କରୁଥିବା ପ୍ରତିକାରଗୁଡିକ ଦେଓ୍ୱାନୀ ଅଦାଲତ, ପରିବାର ଅଦାଲତ ବା ଫୌଜଦାରି ଅଦାଲତରେ ଚାଲୁଥିବା ଯେ କୌଣସି କେଶ୍ ପରିପ୍ରେକ୍ଷିରେ ମଧ୍ୟ ଉପଲବ୍ଧ ହୋଇପାରିବ, ଯଦିଓ ଏହି କେଶ୍‌ର କାର୍ଯ୍ୟବିଧି ଏହି ଆଇନ୍ ଲାଗୁ ହେବା ପୂର୍ବରୁ ବା ପରେ ଆରମ୍ଭ ହୋଇଥାଇପାରେ । ଏହି ଆଇନ୍‌କୁ ଛାଡି ଅନ୍ୟ କୌଣସି ଆଇନ୍‌ର କାର୍ଯ୍ୟବିଧି ଫଳରେ ଯଦି ବ୍ୟଥିତ ନାଗରିକଙ୍କୁ କିଛି ପ୍ରତିକାର ମିଳିଥାଏ, ତେବେ ବ୍ୟଥିତ ନାଗରିକଙ୍କର କର୍ତ୍ତବ୍ୟ ହେଉଛି, ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କୁ ଏ ବିଷୟରେ ଅବଗତ କରାଇବା । (ଧାରା ୨୬) ।

୧୯- ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ବିରୁଦ୍ଧରେ ସେସନ୍‌ସ କୋର୍ଟ ସମ୍ମୁଖରେ ଅପିଲ୍ ମଧ୍ୟ କରାଯାଇପାରିବ, କିନ୍ତୁ ଏହି ଆଦେଶ ବ୍ୟଥିତ ବ୍ୟକ୍ତି ଏବଂ ଅଭିଯୁକ୍ତଙ୍କୁ ମିଳିବାର ୩୦ ଦିନ ଭିତରେ ଏପ୍ରକାର ଅପିଲ୍ କରାଯାଇପାରିବ । (ଧାରା ୨୯) ।

୨୦- ଅଭିଯୁକ୍ତଙ୍କୁ ମିଳିଥିବା ଆଦେଶକୁ ଉଲ୍ଲଂଘନ କଲେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡପ୍ରଦାନର ବ୍ୟବସ୍ଥା ରହିଛି । ଯଦି ଲକ୍ଷ୍ୟ କରାଯାଏ ଯେ, ଅଭିଯୁକ୍ତ ବ୍ୟକ୍ତି ଏହି ଆଇନ୍‌କୁ ଛାଡି ଅନ୍ୟ ଆଇନ୍‌ର ଧାରାକୁ ଉଲ୍ଲଂଘନ କରିଛନ୍ତି, ତେବେ ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍ ଅପରାଧୀ ବିରୁଦ୍ଧରେ ଅଭିଯୋଗପତ୍ର ପ୍ରସ୍ତୁତ କଲାବେଳେ, ସେ ଭାରତୀୟ ପିଙ୍ଗଳ ସଂହିତା ୧୮୬୦ର ଧାରା ୪୯୮-ଏ ବା ଏହାର ଅନ୍ୟ କୌଣସି ଧାରା ନତୁବା ଯୌତୁକ ନିବାରଣ ଆଇନ୍ ୧୯୬୧ର କୌଣସି ଧାରାର ଉଲ୍ଲଂଘନ କରାଯାଇଛି ବୋଲି ତାଙ୍କ ଆଦେଶରେ ଦର୍ଶାଇପାରନ୍ତି । (ଧାରା ୩୧) ।

୨୧- ମାଜିଷ୍ଟ୍ରେଟ୍‌ଙ୍କ ଆଦେଶର ଉଲ୍ଲଂଘନକୁ ଏକ ଧର୍ତ୍ତବ୍ୟ ଏବଂ ଜାମିନ-ବିହୀନ ଅପରାଧ ବୋଲି ଗଣାଯିବ । ଏତାଦୃଶ ଉଲ୍ଲଂଘନ ଅଭିଯୁକ୍ତଙ୍କ ଦ୍ୱାରା ଘଟିଛି କି ନାହିଁ, ତାହା ନିର୍ଣ୍ଣୟ କରିବା ବ୍ୟାପାରରେ କେବଳ ବ୍ୟଥିତ ନାଗରିକଙ୍କ କୋର୍ଟ ସମ୍ମୁଖରେ ବୟାନ୍‌ହିଁ ଯଥେଷ୍ଟ ହେବ । (ଧାରା- ୩୨) ।

୨୨- ମାଜିଷ୍ଟ୍ରେଟ୍ ଦେଇଥିବା ସୁରକ୍ଷା ଆଦେଶକୁ ଅନୁପାଳନ କ୍ଷେତ୍ରରେ ଯଦି ସୁରକ୍ଷା ଅଧିକାରୀ ଯଥାର୍ଥ କାରଣ ନଥାଇ ବିଫଳ ହୋଇଥାନ୍ତି ନଚେତ୍ ଅମଙ୍ଗ ହୋଇଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ପ୍ରଦାନ କରାଯାଇ ପାରିବ । (ଧାରା ୩୩) । କିନ୍ତୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଆଇନ୍‌ଗତ ଦୋଷାରୋପ ବା କାର୍ଯ୍ୟବିଧି ଆରମ୍ଭ ହୋଇପାରିବନି, ଯଦି ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଏତାଦୃଶ ଅଭିଯୋଗ ଦାଏର୍ ପାଇଁ ରାଜ୍ୟ ସରକାର ବା ରାଜ୍ୟସରକାରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀଙ୍କ ଠାରୁ ଅଗ୍ରୀମ ଅନୁମୋଦନ ଅଣାଯାଇ ନଥାଏ । (ଧାରା ୩୪) ।

୨୩- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ରହିଛି । ରାଜ୍ୟ ସରକାରମାନଙ୍କ ଭୂମିକା ହେଲା- ଏହି ଆଇନ୍‌ର ବିଭିନ୍ନ ସ୍ଥାନରେ ଯେଉଁ ସବୁ ବିଶେଷ ବ୍ୟାପାରରେ ବ୍ୟବସ୍ଥା ରହିବା ବିଧେୟ ବୋଲି ଦର୍ଶାଯାଇଛି, ସେହିସବୁ ବ୍ୟାପାରରେ ବିଜ୍ଞପ୍ତି ବଳରେ ବ୍ୟବସ୍ଥାଗୁଡିକୁ ସୁନିଶ୍ଚିତ କରିବା । କେନ୍ଦ୍ର ସରକାରଙ୍କ କର୍ତ୍ତୃକ ପ୍ରଣୀତ ନିୟମାବଳୀ ନିମ୍ନୋକ୍ତ ବ୍ୟାପାର ସହ ସଂପର୍କୀତ- (କ) ଜଣେ ସୁରକ୍ଷା ଅଧିକାରୀଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିଥିବା ଜରୁରୀ, (ଖ) ସୁରକ୍ଷା ଅଧିକାରୀ ଓ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଚାକିରୀ ସର୍ତ୍ତାବଳୀ କ'ଣ ହେବ, (ଗ) କେଉଁ ଢାଞ୍ଚା ଓ ପଦ୍ଧତିରେ ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରାଯିବ, (ଘ) କେଉଁ ଢାଞ୍ଚା ଓ ପଦ୍ଧତିରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସୁରକ୍ଷା ଆଦେଶ ପାଇଁ ଏକ ଆବେଦନ ଦାଖଲ କରାଯାଇପାରିବ, (ଙ) କେଉଁ ଫର୍ମରେ ଅଭିଯୋଗ ଦାଖଲ ହେବ, (ଚ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଅନ୍ୟାନ୍ୟ ଦାୟିତ୍ୱସମୂହ, (ଛ) ସେବା-ସଂସ୍ଥାଗୁଡିକର ପଂଜିକରଣ ପାଇଁ ଆବଶ୍ୟକ ନିୟମାବଳୀ, (ଜ) ପ୍ରତିକାର ପାଇଁ କରାଯିବାକୁ ଥିବା ଆବେଦନର ଢାଞ୍ଚା ଓ ପଦ୍ଧତି, (ଝ) କେଉଁ ଉପାୟରେ ନୋଟିସ୍ ପ୍ରେରଣ କରାଯିବ, (ଞ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରେରିତ ନୋଟିସ୍‌ର ଘୋଷଣାନାମାର ଢାଞ୍ଚା, (ଟ) ସେବା-ସଂସ୍ଥା ତରଫରୁ ପରାମର୍ଶ ଦେବା ପାଇଁ ମନୋନୀତ ହେବାକୁ ଥିବା ବ୍ୟକ୍ତିଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିବା ବିଧେୟ, (ଠ) ଧାରା ୨୩(୨) ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ଆଫିଡେଭିଟ୍‌ର ଢାଞ୍ଚା, (ଡ) ଅନ୍ୟ କୌଣସି ବ୍ୟାପାର ଯାହାକି ବିହିତ ହୋଇପାରେ । (ଧାରା ୩୭) ।

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ସମ୍ବନ୍ଧରେ ଉପରେ ବର୍ଣ୍ଣିତ ସୂଚନାବଳୀରୁ ଏହା ବର୍ତ୍ତମାନ ସ୍ପଷ୍ଟ ଯେ, ଘରୋଇ ହିଂସାରେ ନିର୍ଯ୍ୟାତିତା ଜଣେ ବିବାହିତା ମହିଳା ନିଜର ସୁରକ୍ଷା ପାଇଁ ବର୍ତ୍ତମାନ ପ୍ରଚଳିତ ଥିବା ସଂପୃକ୍ତ ଫୌଜଦାରି ଆଇନ୍‌ଗୁଡିକର ସହାୟତା ନେବା ସହିତ ଏହି ନୂତନ ଆଇନ୍‌ର ସୁଯୋଗ ମଧ୍ୟ ନେଇ ପାରିବେ ।

### ଓଡିଶାରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍‌ର କାର୍ଯ୍ୟକାରିତା-

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ସଂଖ୍ୟା ୭୬୨୧ ତାରିଖ ୨୦ ମାର୍ଚ୍ଚ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲାରେ ଏହି ବିଭାଗର କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ରୂପେ ନିଯୁକ୍ତି ଦିଆଯାଇଛି ଏବଂ ବିଜ୍ଞପ୍ତି ସଂଖ୍ୟା ୧୧୮୧୦ ତାରିଖ ୧୫ ମେ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲା ସକାଶେ ସେବା-ଯୋଗାଣ ସଂସ୍ଥା ଏବଂ ପରାମର୍ଶଦାତାମାନଙ୍କୁ ମଧ୍ୟ ଘୋଷଣା କରାଯାଇଛି । କିନ୍ତୁ କ୍ଷୋଭର କଥା, ଏ ବିଷୟରେ ସାଧାରଣ ଲୋକେ ଏପର୍ଯ୍ୟନ୍ତ ଜାଣି ପାରି ନାହାନ୍ତି କିମ୍ବା ସଂପୃକ୍ତ ସୁରକ୍ଷା ଅଧିକାରୀ ବା ଅଦାଲତଙ୍କ ଦ୍ୱାରା ବ୍ୟଥିତ ନାଗରିକମାନଙ୍କର ଅଭିଯୋଗ ଗ୍ରହଣ, ଶୁଣାଣି ବା ଫଇସଲା ପାଇଁ ଯେଉଁସବୁ ନ୍ୟୂନତମ ବ୍ୟବସ୍ଥା ସ୍ଥାନିତ କରିବା ଆବଶ୍ୟକ, ସେଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ, ଯାହାକି ମହିଳା ସଂଗଠନମାନଙ୍କ ପାଇଁ ଏକ ବଡ ଆହ୍ୱାନ୍ ।

# ମାଗଣା ଆଇନ୍ ସହାୟତା

ସାଧାରଣତଃ ଦେଖାଯାଇଥାଏ ଯେ, ଅର୍ଥନୈତିକ ଦୃଷ୍ଟିରୁ ଗରିବ, ଜାତିଗତ ଦୃଷ୍ଟିରୁ ଦଳିତ ଏବଂ ସାମାଜିକ ଦୃଷ୍ଟିରୁ ପଛୁଆ ଏବଂ ଅବହେଳିତ ଲୋକେ ତଥା ମହିଳା ଓ ନାବାଳକ ମାନେ ସମାଜର ଉଚ୍ଚବର୍ଗଙ୍କ ଦ୍ୱାରା ବିଭିନ୍ନ ଉପାୟରେ ଅତ୍ୟାଚାରିତ ଓ ଶୋଷିତ ହୋଇ ଆସୁଛନ୍ତି। କେବଳ ସେତିକି ନୁହେଁ, ଏହି ଉଚ୍ଚବର୍ଗର ଲୋକେ ନିଜର ଅର୍ଥ ଓ ବୁଦ୍ଧି ବଳରେ ଦେଶର ସମ୍ବିଧାନ, ଆଇନ୍‌ଅଦାଲତ ତଥା ପ୍ରଶାସନକୁ ମଧ୍ୟରେ ନିଜର ପ୍ରାଧାନ୍ୟ ଓ ଆଧିପତ୍ୟକୁ ବଜାୟ ରଖିବାରେ ସଫଳ ହୋଇଥାନ୍ତି । ତେଣୁ ପ୍ରଶ୍ନ ଉଠିଲା, ଏହି ବଞ୍ଚିତ ଗୋଷ୍ଠୀମାନେ କିପରି ସମ୍ବିଧାନର ଧାରା ୧୪ରେ ବର୍ଣ୍ଣିତ ସମାନତାର ଅଧିକାର ଓ ଧାରା ୨୧ରେ ବର୍ଣ୍ଣିତ ଜୀବନ ଓ ସାଧୀନତାର ଅଧିକାର ଭଳି ମୌଳିକ ଅଧିକାରମାନ ଉପଭୋଗ କରିବା ପାଇଁ ସ୍ୱଳ୍ପବ୍ୟୟରେ ଏବଂ ସହଜରେ ନ୍ୟାୟାଳୟର ସୁଯୋଗ ନେଇପାରିବେ । ଏହି ବାସ୍ତବତାକୁ ଆଖି ଆଗରେ ରଖି ୧୯୭୬ରେ ସମ୍ବିଧାନର ୪୨ତମ ସଂଶୋଧନ ଗୃହୀତ ହୋଇଥିଲା, ଯାହାର ଅନ୍ୟତମ ପ୍ରାବ୍‌ଧାନ ଥିଲା, ରାଷ୍ଟ୍ର ପାଇଁ ନୀତି-ନିର୍ଦ୍ଦେଶନା ଅଧ୍ୟାୟର ଧାରା ୩୯ ଅଧୀନରେ ଉପଧାରା ୩୯(ଏ)କୁ ଯୋଗ କରାଯାଇ କୁହାଗଲା ଯେ, ନିଜର ଅସାମର୍ଥ୍ୟ କାରଣରୁ ମହିଳାଙ୍କ ସମେତ ଅନ୍ୟ କୌଣସି ଅଭାବଗ୍ରସ୍ତ ବ୍ୟକ୍ତି ନ୍ୟାୟାଳୟକୁ ଯିବାର ସୁଯୋଗରୁ ବଞ୍ଚିତ ନହେବା ଉଦ୍ଦେଶ୍ୟରେ ରାଷ୍ଟ୍ର ସେମାନଙ୍କୁ ମାଗଣା ଆଇନ୍ ସହାୟତା ଯୋଗାଇ ଦେବ । ଏହି ସଂବିଧାନ ସଂଶୋଧନ ହେବାର କିଛିବର୍ଷ ପରେ ୧୯୮୭ରେ ଆଇନ୍ ସେବା ପ୍ରାଧିକରଣସମୂହ ଆଇନ୍ ସଂସଦ ଦ୍ୱାରା ଗୃହୀତ ହୋଇ ଲାଗୁହେଲା ।

ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ଆଇନ୍ ସହାୟତା ଏବଂ ପରାମର୍ଶ ପରିଷଦ ଗଢାଯାଇଛି । ଓଡିଶାରେ ମଧ୍ୟ ଏପରି ଏକ ପରିଷଦ ଗଠିତ ହୋଇଛି, ଏବଂ ଏହାର ମୁଖ୍ୟ କାର୍ଯ୍ୟାଳୟ କଟକର କାଣ୍ଟନ୍‌ମେଣ୍ଟ୍ ରୋଡ୍‌ରେ ଅବସ୍ଥିତ । ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ନିଜର ସମସ୍ୟା ବର୍ଣ୍ଣନା କରି ଏହାକୁ ପରିଷଦର ସଂପୃକ୍ତ ପଦାଧିକାରୀଙ୍କ ନିକଟରେ ଦାଖଲ କଲେ, ସେ ତାକୁ ଯାଞ୍ଚ କରିବା ପରେ ବିଚାରଣା ପାଇଁ ଉପଯୁକ୍ତ ମନେକଲେ ମାଗଣା ଓକିଲ ତଥା ମୋକଦ୍ଦମାର ଅନ୍ୟାନ୍ୟ ବ୍ୟୟ ସରକାରଙ୍କ ତରଫରୁ ବହନ କରାଯିବ ବୋଲି ପ୍ରାବ୍‌ଧାନ ରହିଛି । କିନ୍ତୁ ବାସ୍ତବରେ ଲକ୍ଷ୍ୟ କରାଯାଇଛି ଯେ, ଅନ୍ୟାନ୍ୟ ବହୁ ସରକାରୀ ସଂସ୍ଥା ଭଳି ଏହି ବ୍ୟବସ୍ଥାଟି ମଧ୍ୟ ନାଲିଫିତା ଏବଂ କାଳକ୍ଷେପଣ ଭଳି ବିଭିନ୍ନ ଦୁର୍ବଳତାଗୁଡିକର ଶିକାର ହୋଇପଡିବା ଫଳରେ ନିଜର ଘୋଷିତ ଲକ୍ଷ୍ୟ ପୂରଣ କରିପାରିନାହିଁ ।

## ସୁପ୍ରିମ୍ କୋର୍ଟଙ୍କ ମାଗଣା ଆଇନ୍ ସେବା

ଏଠାରେ ଉଲ୍ଲେଖନୀୟ ଯେ, ଉପରୋକ୍ତ ଆଇନ୍ ବଳରେ ସୁପ୍ରିମ୍ କୋର୍ଟରେ ମଧ୍ୟ ଏକ ଆଇନ୍ ସେବା କମିଟି (ଏସ୍.ସି.ଏଲ୍.ଏସ୍.ସି.) କାର୍ଯ୍ୟକରୁଛି, ଯାହାର ଦ୍ୱିବିଧ ଉଦ୍ଦେଶ୍ୟ ହେଉଛି, ବଞ୍ଚିତ ଗୋଷ୍ଠୀମାନଙ୍କ ପାଇଁ ମାଗଣାରେ ମୋକଦ୍ଦମା ଲଢିବା ଏବଂ କୌଣସି ଏକ ବ୍ୟାପାରରେ ଆଇନ୍‌ଗତ ପରାମର୍ଶ ଯୋଗାଇଦେବା । ପରାମର୍ଶ ମାଗିବା କ୍ଷେତ୍ରରେ କୌଣସି କଟକଣା ନାହିଁ, ଅର୍ଥାତ୍ ଯେ କୌଣସି ବ୍ୟକ୍ତି ପରାମର୍ଶ ମାଗି ପାରିବେ । କିନ୍ତୁ ଆଇନ୍ ସହାୟତା ପାଇବା ପାଇଁ କେବଳ ନିମ୍ନୋକ୍ତ ଧରଣର ବ୍ୟକ୍ତିମାନେ ହକ୍‌ଦାର ହେବେ ।

## ଆଇନ୍ ସହାୟତା ପାଇବାକୁ କିଏ ଯୋଗ୍ୟ ?

- ଅନୁସୂଚୀତ ଜାତି ବା ଅନୁସୂଚୀତ ଜନଜାତିର ସଭ୍ୟ ହୋଇଥିବା ବ୍ୟକ୍ତି ;
- ମାନବ ଚାଲାଣର ଶିକାର ହୋଇଥିବା ବା ସମ୍ବିଧାନର ଧାରା-୨୩ରେ ବର୍ଣ୍ଣିତ ବେଗାରିର ଶିକାର ହୋଇଥିବା ବ୍ୟକ୍ତି ;
- ଯେ କୌଣସି ମହିଳା ବା ନାବାଳକ ;
- ମାନସିକ ଭାବେ ଅସୁସ୍ଥ ବା ଅନ୍ୟ କୌଣସି ପ୍ରକାରର ଭିନ୍ନକ୍ଷମ ବ୍ୟକ୍ତି ;
- କୌଣସି ଏକ ବଡ ଧରଣର ବିପର୍ଯ୍ୟୟ, ସାଂପ୍ରଦାୟିକ ଦଙ୍ଗା, ଜାତିଗତ ଉତ୍ପୀଡନ, ବନ୍ୟା, ମରୁଡି, ଭୂମିକମ୍ପ ବା ଶିଳ୍ପଜନିତ ବିପର୍ଯ୍ୟୟର ଶିକାର ହୋଇ ଏକ ଅଭାବନୀୟ ଦୁର୍ଦ୍ଦଶା ଭୋଗୁଥିବା କୌଣସି ବ୍ୟକ୍ତି ;
- ଜଣେ ଶିଳ୍ପ ଶ୍ରମିକ ;
- ମହିଳା ଗୃହ, କିଶୋର ଗୃହ ଓ ମାନସିକ ଚିକିତ୍ସା ଗୃହ ଭଳି ସୁରକ୍ଷା ଗୃହ ସମେତ ସମସ୍ତ ଜେଲ୍ ଏବଂ ହାଜତ୍‌ରେ ଥିବା ଯେ କୌଣସି ଅନ୍ତେବାସୀ ; ତଥା
- ଯେଉଁ ବ୍ୟକ୍ତିର ବାର୍ଷିକ ଆୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ ।

କିନ୍ତୁ ଉପରୋକ୍ତ ବ୍ୟକ୍ତିମାନଙ୍କ ଛଡା ଅନ୍ୟ ବ୍ୟକ୍ତିମାନଙ୍କ ଆବେଦନ ମଧ୍ୟ ଗ୍ରହଣ କରାଯିବ, ଯଦି ତାହା ବ୍ୟାପକ ସର୍ବସାଧାରଣ ସ୍ୱାର୍ଥ ସହ ଜଡିତ ହୋଇଥିବ ।

## କେଉଁ ସବୁ ମାମଲାରେ ଆଇନ୍ ସହାୟତା ମିଳିବ ?

- କୌଣସି ଦେଓ୍ୱାନି ବା ଫୌଜଦାରି ମାମଲାରେ ହାଇକୋର୍ଟ ଦେଇଥିବା ଆଦେଶ ବିରୁଦ୍ଧରେ ;
- ମୌଳିକ ଅଧିକାରର ଉଲ୍ଲଂଘନ ବିରୁଦ୍ଧରେ ଆବେଦନ, ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ନିମ୍ନୋକ୍ତ ଧରଣର ମାମଲାମାନ-
- ଯଦି ତୁମର କୌଣସି ନିକଟ ସଂପର୍କୀୟ ବା ବନ୍ଧୁ ନିଖୋଜ ବା ଅପହରଣ ହୋଇଥାନ୍ତି ତେବେ

  ତାଙ୍କୁ ଖୋଜି ବାହାର କରି ହାଜର କରାଇବା ;
- କୌଣସି ବ୍ୟାପାରରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବା ନିଷ୍କ୍ରିୟତା ଦ୍ୱାରା କେହି ବ୍ୟକ୍ତି କ୍ଷୁବ୍ଧ ହୋଇଥିଲେ ; ଏବଂ
- ସରକାରଙ୍କ କୌଣସି ଆଇନ୍ ବା ଆଦେଶ ଯଦି ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବ ;
- ଭାରତ ବର୍ଷର କୌଣସି ଏକ ରାଜ୍ୟର ଅଦାଲତରେ ଚାଲୁଥିବା ଏକ ଦେଓ୍ୱାନି ବା ଫୌଜଦାରି ମକଦ୍ଦମାକୁ ଆଉ ଗୋଟିଏ ରାଜ୍ୟକୁ ସ୍ଥାନାନ୍ତରଣ କରିବାର ଆବଶ୍ୟକ ଥିଲେ ।

## ଆଇନ୍ ସହାୟତା ବା ପରାମର୍ଶ ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟା

ଆଇନ୍ ପରାମର୍ଶ ପାଇଁ କୌଣସି ଫର୍ମ କିମ୍ବା ଫିସ୍ ଉଦ୍ଦିଷ୍ଟ ନାହିଁ । ଯେ କୌଣସି କର୍ମ ଦିବସରେ ପୂର୍ବାହ୍ଣ ୧୦.୩୦ରୁ ଅପରାହ୍ଣ ୫ଟା ଭିତରେ ଜଣେ ବ୍ୟକ୍ତି ଏହି ସଂକ୍ରାନ୍ତରେ ଟେଲିଫୋନ୍ କରିପାରନ୍ତି । ଅଥବା ଡାକ ଯୋଗେ ବା ଇମେଲ୍ ଯୋଗେ ନିଜର ପ୍ରଶ୍ନ ଲେଖି ସୁପ୍ରିମ୍ କୋର୍ଟ ଆଇନ୍ ସେବାସମୂହ କମିଟିର ସଚ୍ଚୀବଙ୍କ ନିକଟକୁ ପତ୍ର ଲେଖି ପାରନ୍ତି । ପତ୍ରପ୍ରେରକ ଡାକ ଯୋଗେ ପଠାଇଥିଲେ ୧୫ ଦିନ ଭିତରେ ନତୁବା ଇମେଲ୍ ଯୋଗେ ପଠାଇଥିଲେ ଏହାଠାରୁ ଶୀଘ୍ର କମିଟିଙ୍କ ଠାରୁ ଉତ୍ତର ପାଇପାରିବେ ।

କିନ୍ତୁ ଆଇନ୍ ସହାୟତା ପାଇଁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିବାକୁ ପଡିବ । ଏହି ଫର୍ମ ସୁପ୍ରିମ୍ କୋର୍ଟଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ଏବଂ ଏହାଛଡା ମାଗଣାରେ ସିଧାସଳଖ ଡାକଯୋଗେ ବା ଇମେଲ୍ ଯୋଗେ ଏହାକୁ ଉପରୋକ୍ତ କମିଟିଙ୍କ ନିକଟରୁ ମଗାଇ ହେବ । ଆବେଦନ ସହିତ ସମସ୍ତ ଆବଶ୍ୟକୀୟ କାଗଜପତ୍ରକୁ ସଂଲଗ୍ନ କରି ପଠାଇବାକୁ ପଡିବ । ଉଦାହରଣ ସ୍ୱରୂପ, ଯଦି ଆପଣ ଗୋଟିଏ ହାଇକୋର୍ଟର ରାୟ ବା ଆଦେଶ ବିରୁଦ୍ଧରେ ଆବେଦନ କରିବାକୁ ଚାହୁଁଥାନ୍ତି, ତେବେ ତହିଁର ନକଲ, ତଳ କୋର୍ଟର ଆଦେଶ ଥିଲେ ତହିଁର ନକଲ ତଥା ହାଇକୋର୍ଟଙ୍କ ରାୟ ବା ଆଦେଶ ଉପରେ ଓକିଲମାନଙ୍କ ମନ୍ତବ୍ୟକୁ ଆବେଦନ ସହ ଗୁନ୍ଥି ପଠାଇବାକୁ ପଡିବ । ଏହି ଦଲିଲ୍‌ଗୁଡିକ ଇଂରାଜୀ ଭିନ୍ନ ଅନ୍ୟ କୌଣସି ଭାଷାରେ ଲେଖା ହୋଇଥିଲେ, ସେଗୁଡିକର ଇଂରାଜୀ ଅନୁବାଦ ପଠାଇବାକୁ ପଡିବ ।

ସୁପ୍ରିମ୍ କୋର୍ଟର ଜଣେ ବିଚାର ପତି ଅଧ୍ୟକ୍ଷ ଥାଇ ତଥା ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସଭ୍ୟଭାବେ ନେଇ ଗଠିତ ଏହି ଆଇନ୍ ସେବା କମିଟିରେ କେତେକ ଅଭିଜ୍ଞ ଓକିଲ ନିଯୁକ୍ତ ଅଛନ୍ତି । ସେମାନେ ହିଁ ପ୍ରଥମେ ଆପଣଙ୍କର ଆବେଦନର ଯୋଗ୍ୟତା ଯାଞ୍ଚ କରିବେ ଏବଂ ୧୫ ଦିନ ମଧ୍ୟରେ ଆପଣଙ୍କୁ ଉତ୍ତର ଦେବେ । ଯଦି ଆପଣଙ୍କର ଆବେଦନ ଯୋଗ୍ୟତା-ବହିର୍ଭୁତ ବୋଲି ପ୍ରତ୍ୟାଖ୍ୟାନ ହୋଇଯାଏ, ତେବେ ଆପଣ ଏହି ନିଷ୍ପତ୍ତିର ପୁନର୍ବିଚାର ଦାବୀ କରି କମିଟିର ଅଧ୍ୟକ୍ଷଙ୍କୁ ଆବେଦନ କରିପାରନ୍ତି ।

ଯଦି ଆଇନ୍ ସହାୟତା ପାଇଁ ଆପଣଙ୍କ ଆବେଦନ ଗୃହୀତ ହୁଏ, ତେବେ ଆପଣଙ୍କ ନିକଟକୁ ଏକ ଆଫିଡେଭିଟ୍ ଏବଂ ଓକିଲାତିନାମା ଡାକଯୋଗେ ଆସିବ ଏବଂ ସେଗୁଡିକୁ ପୂରଣ ଓ ସାକ୍ଷର କରି ଜଣେ ନୋଟାରୀ ବା ଶପଥ କମିଶନରଙ୍କ ଦ୍ୱାରା ପ୍ରମାଣୀକୃତ କରି ଆପଣଙ୍କୁ ଯଥାଶୀଘ୍ର ପୁଣି ଡାକଯୋଗେ କମିଟିଙ୍କ ନିକଟକୁ ପଠାଇଦେବାକୁ ପଡିବ । ଯଦି ଆପଣ ଜେଲ୍‌ରେ ଥାଆନ୍ତି, ତେବେ ଜେଲ୍ ତତ୍ତ୍ୱାବଧାରକଙ୍କ ଦ୍ୱାରା ସେହି ଦଲିଲଗୁଡିକ ସହସାକ୍ଷରିତ ହୋଇଥିବ ।

ଏହାପରେ କମିଟିଙ୍କ ଦ୍ୱାରା ଆପଣଙ୍କ କେଶ୍ ପାଇଁ ନିଯୁକ୍ତ ଓକିଲ ଆବଶ୍ୟକୀୟ ପ୍ରତିଆବେଦନ ପ୍ରସ୍ତୁତ କରି ସୁପ୍ରିମ୍ କୋର୍ଟରେ ବିଚାର ପାଇଁ ଦାଖଲ କରିବେ । ଯଦି ଆପଣ ଜଣାନ୍ତି ଯେ, ଉକ୍ତ ଓକିଲଙ୍କ ଠାରୁ ଜଣେ ବରିଷ୍ଠ ଓକିଲଙ୍କୁ ଆପଣଙ୍କ କେଶ୍ ପାଇଁ ନିଯୁକ୍ତ କରାଯିବା ଦରକାର, ତେବେ କମିଟି ସେହି ଅନୁରୋଧ ରକ୍ଷା କରିପାରନ୍ତି । ପ୍ରତି କେଶ୍ ପାଇଁ କମିଟି ସଂପୃକ୍ତ ଓକିଲଙ୍କୁ ଦୁଇହଜାର ଟଙ୍କା ଦେଇଥାନ୍ତି । ଓକିଲ ବାବଦ କୌଣସି ଖର୍ଚ୍ଚ ଆପଣଙ୍କୁ ବହନ କରିବାକୁ ପଡିବନି ।

କେଶ୍‌ର ବିଚାରରେ ଅଗ୍ରଗତି ସମ୍ବନ୍ଧରେ ତଥା ଉଭୟ ପକ୍ଷ ତରଫରୁ ଉପସ୍ଥାପିତ ହୋଇଥିବା କାଗଜପତ୍ର ତଥା ଚୂଡାନ୍ତ ରାୟ ବା ଆଦେଶ ସମ୍ବନ୍ଧରେ ଆବେଦକ ଘରେ ବସି ଡାକ ଯୋଗେ କମିଟିଙ୍କ ଠାରୁ ସୂଚନା ପାଇପାରିବେ ।

ମୋଟ ଉପରେ କହିଲେ କେବଳ ଆଫିଡେଭିଟ୍ ଖର୍ଚ୍ଚ ଛଡା ଅନ୍ୟ କୌଣସି ଖର୍ଚ୍ଚ ଆପଣଙ୍କୁ ବହନ କରିବାକୁ ପଡିବନି । ଜେଲ୍‌ରେ ଥିଲେ ଏହି ଖର୍ଚ୍ଚ ମଧ୍ୟ ଦେବାକୁ ପଡିବନି ।

## *କମିଟିଙ୍କ ସହ ଯୋଗାଯୋଗ ଠିକଣା-*

ସଚିବ , ସୁପ୍ରିମ୍ କୋର୍ଟ ଆଇନ୍ ସେବାସମୂହ କମିଟି,
୧୦୯, ଲୟର୍ସ ଚାମ୍ବର୍ସ,  ସୁପ୍ରିମ୍ କୋର୍ଟ କମ୍ପାଉଣ୍ଡ, ନୂଆ ଦିଲ୍ଲୀ- ୧୧୦ ୦୦୧
ଟେଲିଫୋନ୍- (୦୧୧) ୨୩୩୮୮୩୧୩, ୨୩୦୭୩୯୭୦ ଏବଂ ୨୩୩୮ ୧୨୫୭,
ଇମେଲ୍ - sclsc@nic.in

# ଯୌତୁକ ନିରୋଧ ଆଇନ୍, ୧୯୬୧

## ଯୌତୁକ କାହାକୁ କୁହାଯାଏ:

ଯୌତୁକ ନିରୋଧ ଆଇନ୍ ଅନୁଯାୟୀ ବିବାହ ଉପଲକ୍ଷେ ବରପକ୍ଷ ଓ କନ୍ୟା  ପକ୍ଷ ଭିତରେ ଯେଉଁ ମୂଲ୍ୟବାନ ଧନସମ୍ପତ୍ତିର ଦିଆନିଆ ହୋଇଥାଏ ବା ଦିଆନିଆ ପାଇଁପ୍ରତିଶ୍ରୁତି ଦିଆଯାଇଥାଏ, ତାହା ହେଉଛି "ଯୌତୁକ" । କିନ୍ତୁ ମୁସଲିମ୍ ବ୍ୟକ୍ତିଗତ ଆଇନ୍(ଶରିଆତ୍)ରେ ଥିବା ଡାଓର୍ କିମ୍ବା ମାହେର୍ ଯୌତୁକ ସଂଜ୍ଞା ଭିତରେ ପରିସରଭୁକ୍ତ ହେବନାହିଁ । ଯୌତୁକ ଅପରାଧ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଓ ରଫା-ରହିତ ଅଟେ ।

## କେତେକ ଜ୍ଞାତବ୍ୟ ସୂଚନା:

- ଯଦି କୌଣସି ବ୍ୟକ୍ତି ଯୌତୁକ ଦିଅନ୍ତି, ନିଅନ୍ତି କିମ୍ବା ଯୌତୁକ ଦିଆନିଅ ପାଇଁ ପ୍ରବର୍ତ୍ତନା ଦିଅନ୍ତି, ତେବେ ଏହା ଏକ ଦଣ୍ଡନୀୟ ଅପରାଧ, ଯାହା ପାଇଁ ଅତିକମ୍‌ରେ ପାଞ୍ଚବର୍ଷ ଜେଲ୍ ଏବଂ ପନ୍ଦର ହଜାର ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଛି ।

- ଯୌତୁକ ଦାବୀ ଜନିତ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୬ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡବିଧାନର ବ୍ୟବସ୍ଥା ରହିଛି।

- ଖବର କାଗଜରେ କିମ୍ବା ଗଣ ମାଧ୍ୟମରେ ଯୌତୁକ ଦେବା ଅଭିପ୍ରାୟରେ ଯଦି କେହି ବ୍ୟକ୍ତି କୌଣସି ବିଜ୍ଞାପନ ପ୍ରକାଶ କରନ୍ତି, ତେବେ ତାଙ୍କୁ ୬ ମାସରୁ ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ତଥା ପନ୍ଦର ହଜାର ଟଙ୍କା ଜୋରିମାନାର ଦଣ୍ଡବ୍ୟବସ୍ଥା ଅଛି।

- ନବବଧୂଙ୍କୁ ଛାଡି ଯଦି ଅନ୍ୟ କୌଣସି ବ୍ୟକ୍ତି ଯୌତୁକ ସମ୍ପତ୍ତିକୁ ହସ୍ତଗତ କରିଥାନ୍ତି, ତେବେ ସେ ନିମ୍ନମତେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନବବଧୂଙ୍କୁ ତାହା ଫେରାଇବା ଉଚିତ୍, ନଚେତ୍ ସେ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ପାଞ୍ଚ ହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବ-

  (କ) ଯଦି ବିବାହ ପୂର୍ବରୁ ନେଇଥିବେ, ତେବେ ବିବାହର ୩ ମାସ ମଧ୍ୟରେ।

  (ଖ) ଯଦି ବିବାହ ସମୟରେ କିମ୍ବା ବିବାହ ପରେ ନେଇଥିବେ, ତେବେ ଯୌତୁକ ତାଙ୍କର ହସ୍ତଗତ ହୋଇଥିବା ତାରିଖର ୩ ମାସ ମଧ୍ୟରେ ।

  (ଗ) ଯଦି ଯୌତୁକ ମିଳିବା ବେଳେ ନବବଧୂ ନାବାଳିକା (୧୮ ବର୍ଷରୁ କମ୍) ଥିବେ, ତେବେ ନବବଧୂ ଯେବେ ସାବାଳିକା ହେବେ, ତହିଁର ୩ମାସ ଭିତରେ।

  (ଘ) ଯଦି ନବବଧୂ, ଯେ କି ଯୌତୁକ ପାଇବା ପାଇଁ ହକ୍‌ଦାର, ସେ ଯୌତୁକ ପାଇବା ପୂର୍ବରୁ ମରିଯାନ୍ତି, ତେବେ ତାଙ୍କର ଉତ୍ତରାଧିକାରୀ ଏହା ପାଇବା ପାଇଁ ହକ୍‌ଦାର ହେବେ; ମାତ୍ର ନବବଧୂ ଯଦି ବିବାହର ସାତବର୍ଷ ଭିତରେ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁବରଣ କରନ୍ତି, ତେବେ ସେହି ଯୌତୁକ ସମ୍ପତ୍ତି ତାଙ୍କର ସନ୍ତାନମାନଙ୍କୁ ଅଥବା ସନ୍ତାନ ନଥିଲେ ନବବଧୂର ପିତାମାତାଙ୍କୁ ହସ୍ତାନ୍ତର କରାଯିବ।

ଏହି ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଯୌତୁକ ଅପରାଧ ବିଚାର ହେବ। ନିଜ ଅପରାଧକୁ ଅପ୍ରମାଣ କରିବାର ଦାୟିତ୍ୱ ଅପରାଧୀ ଉପରେ ନ୍ୟସ୍ତ ରହିବ। ଯୌତୁକ ଅପରାଧ ଦାଏର୍ କରିବା ପାଇଁ ଯେ କୌଣସି ବ୍ୟଥିତ ବ୍ୟକ୍ତି , ସଂପୃକ୍ତ ବରକନ୍ୟାଙ୍କ ପିତାମାତା, କୌଣସି ସମ୍ପର୍କୀୟ ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ

ସ୍ୱୀକୃତିପ୍ରାପ୍ତ ହୋଇଥିବା ଗୋଟିଏ ସମାଜ ମଙ୍ଗଳ ଅନୁଷ୍ଠାନ ଯୋଗ୍ୟ ଅଟନ୍ତି। ସର୍ବୋପରି ଏହି ଆଇନ୍‌ରେ ଉଲ୍ଲେଖ ଅଛି ଯେ, ଯଦି ବିବାହ ସମୟରେ ବର ବା ବଧୂଙ୍କୁ ପ୍ରଦତ୍ତ ଉପହାର ପଛରେ କୌଣସି ଦାବୀ ନଥାଏ, ପାରମ୍ପରିକ ଧରଣର ହୋଇଥାଏ, ଉପହାରର ମୂଲ୍ୟ ଉପହାରଦାତାଙ୍କ ଆର୍ଥିକ ସ୍ୱଚ୍ଛଳତା ତୁଳନାରେ ଅଧିକ ହୋଇନଥାଏ ତେବେ ଏହି ଉପହାର ଦିଆନିଆକୁ ଯୌତୁକ ଅପରାଧ ବୋଲି ଗଣାଯିବ ନାହିଁ।

## ଯୌତୁକ ନିରୋଧ (ବରବଧୂଙ୍କୁ ପ୍ରଦତ୍ତ ଉପହାରସମୂହର ତାଲିକା ଅନୁରକ୍ଷଣ) ନିୟମାବଳୀ,୧୯୮୫ -

ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ଭାରତ ସରକାର ୧୯୮୫ରେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ବଧୂପକ୍ଷ ଓ ବରପକ୍ଷ ବିବାହ ସମୟରେ ମିଳିଥିବା ଉପହାରସମୂହର ତାଲିକା ଅଲଗା ଅଲଗା ରଖିବେ। ବିବାହ ସମୟରେ ଅଥବା ବିବାହ ସରିବା କ୍ଷଣି ଯଥାଶୀଘ୍ର ସମ୍ଭବ ଏହା ପ୍ରସ୍ତୁତ କରାଯିବ। ଏହି ତାଲିକାରେ ପ୍ରତି ଉପହାର ସଂବନ୍ଧରେ ଏକ ସଂକ୍ଷିପ୍ତ ବର୍ଣ୍ଣନା ସହିତ ଉପହାରର ଆନୁମାନିକ ମୂଲ୍ୟ, ଉପହାର ଦାତାଙ୍କ ନାମ ତଥା ସେମାନଙ୍କର ବର ବା କନ୍ୟା ସହିତ ସଂପର୍କ ସୂଚୀତ ହୋଇଥିବ। ପ୍ରତି ତାଲିକା ଉଭୟ ବର ଓ କନ୍ୟାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ବିଧେୟ।

### କେନ୍ଦ୍ରୀୟ ସଂଶୋଧନ, ୧୯୮୬

ଯୌତୁକ ଆଇନ୍‌କୁ ଅଧିକ କଠୋର କରିବା ଉଦ୍ଦେଶ୍ୟରେ ସଂସଦ ଦ୍ୱାରା ୧୯୮୬ ମସିହାରେ ଏହି ଆଇନ୍‌ର ଏକ ସଂଶୋଧନ ଗୃହୀତ ହେଲା। ଏହି ସଂଶୋଧନ ବଳରେ ୧୯୬୧ ମସିହାର ମୂଳ ଯୌତୁକ ଆଇନ୍‌ର ସଂଶୋଧନ ହେବା ସହିତ ଦେଶର ୩ଟି ମୂଳ ବିଧାନ, ଯଥା ଭାରତୀୟ ଦଣ୍ଡ ସଂହିତା ୧୮୬୦, ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ ତଥା ଭାରତୀୟ ପ୍ରମାଣ ଆଇନ୍ ୧୮୭୨ରେ ମଧ୍ୟ କେତେକ ପରିବର୍ତ୍ତନ ଅଣାଗଲା।

ଭାରତୀୟ ଦଣ୍ଡ ସଂହିତାରେ ଅଧ୍ୟାୟ-୨୦(ବିବାହ ସଂବନ୍ଧୀତ ଅପରାଧସମୂହ)ରେ ନୂଆକରି ଦଫା-୩୦୪(ବି) ଯୋଡାଗଲା। ଏହି ନୂତନ ଦଫା ଅନୁଯାୟୀ ବିବାହର ସାତବର୍ଷ ଭିତରେ ଯଦି ଜଣେ ବଧୂଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟେ, ତେବେ ତାହାକୁ ଯୌତୁକ ଜନିତ ମୃତ୍ୟୁ ବୋଲି ଧରିନିଆଯିବ ଏବଂ ଏହି ମୃତ୍ୟୁ ସେହି ମହିଳାଙ୍କର ସ୍ୱାମୀ ଏବଂ ସଂପର୍କୀୟ ମାନେ ଘଟାଇଛନ୍ତି ବୋଲି ବିବେଚନା କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର୍ ହେବ। ସେମାନେ ଦୋଷୀ ସାବ୍ୟସ୍ତ ହେଲେ ଅନ୍ୟୂନ ୭ ବର୍ଷରୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବେ। ଫୌଜଦାରି କାର୍ଯ୍ୟବିଧି

ସଂହିତାର ପ୍ରଥମ ଅନୁସୂଚୀରେ ଦଫା ୩୦୪(ବି) ଭର୍ତ୍ତି କରାଗଲା ଏବଂ ସେଥିରେ ଏହି ଅପରାଧ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାର ହେବ ବୋଲି ସୂଚୀତ କରାଗଲା। ଭାରତୀୟ ପ୍ରମାଣ ଆଇନ୍‌ରେ ୧୧୩(ବି) ଯୋଡାଗଲା, ଯାହାର ଅର୍ଥ ହେଉଛି, ଯଦି ସଂପୃକ୍ତ ମହିଳାଙ୍କୁ ମୃତ୍ୟୁର ସନ୍ତକାଳ ପୂର୍ବରୁ ଯୌତୁକ ଦାବୀକୁ କେନ୍ଦ୍ର କରି ନିଷ୍ଠୁରତା ଏବଂ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଇଥିବାର ପ୍ରମାଣ ହୁଏ, ତେବେ ଅଦାଲତ ଧରିନେବେ ଯେ ସେହି ମହିଳାଙ୍କୁ ଯୌତୁକ କାରଣରୁ ତାଙ୍କ ସ୍ୱାମୀ ଓ ସ୍ୱାମୀଙ୍କ ସଂପର୍କୀୟ ମାନେ ହତ୍ୟା କରିଛନ୍ତି।

## ଓଡିଶା ନିୟମାବଳୀ ଓ ସଂଶୋଧନ-

ଓଡିଶାରେ ଯୌତୁକ ଆଇନ୍‌ର ସଂଶୋଧନ ୧୯୭୫ରେ ଗୃହୀତ ହୋଇଥିଲା। ଏହି ସଂଶୋଧନ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଯୌତୁକ କାରଣରୁ ତାଙ୍କ ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରନ୍ତି, ତେବେ ସେ ଏକବର୍ଷ ଜେଲ୍ ବା ଦଶ ହଜାର ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ସେହି ବ୍ୟକ୍ତି ଅଦାଲତ ସାମନାରେ ଅଙ୍ଗୀକାର କରନ୍ତି ଯେ ସେ ଆଉ ଯୌତୁକ ପାଇଁ ଦାବୀ କରିବେ ନାହିଁ କିମ୍ବା ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରିବେ ନାହିଁ, ତେବେ ଅଦାଲତ ତାଙ୍କବିରୁଦ୍ଧରେ ଆରମ୍ଭ ହୋଇଥିବା କାର୍ଯ୍ୟବିଧିକୁ ବନ୍ଦ କରିଦେଇପାରନ୍ତି। କିନ୍ତୁ ଯଦି ପତ୍ନୀ ପୁଣି ଅଭିଯୋଗ କରନ୍ତି ଯେ, ତାଙ୍କ ସ୍ୱାମୀ ସେହି ଅଙ୍ଗୀକାର ପାଳନ କରିବାରେ ବ୍ୟର୍ଥ ହୋଇଛନ୍ତି, ତେବେ ଅଦାଲତ ପୁଣି ଉକ୍ତ କାର୍ଯ୍ୟବିଧିକୁ ଚାଲୁ କରିପାରନ୍ତି ଏବଂ ଏପ୍ରକାର ଉଲ୍ଲଂଘନ ପାଇଁ ଜୋରିମାନା ବାବଦରେ ଲାଗୁ କରାଯାଇଥିବା ଅର୍ଥରାଶିକୁ ପତ୍ନୀଙ୍କୁ ଦେବାପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଏହାଛଡା ଏହି ସଂଶୋଧନରେ ପୁଣି କୁହାଯାଇଛି ଯେ, ଉପରୋକ୍ତ ପ୍ରକାରେ ଉଲ୍ଲଂଘନ କରୁଥିବା ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଯଦି ଭରଣପୋଷଣ ଦାବୀ କରନ୍ତି, ତେବେ ଅଦାଲତ ସର୍ବାଧିକ ମାସିକ ଭତ୍ତା ଦେବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ସ୍ୱାମୀ ଯଦି ଏହି ଭରଣପୋଷଣ ଭତ୍ତା ପ୍ରଦାନ ନକରନ୍ତି, ତାହା ତାଙ୍କ ସମ୍ପତ୍ତିରୁ ଆଦାୟ କରାଯିବ ଏବଂ ଭତ୍ତା ଦେବା ପାଇଁ ସ୍ୱାମୀଙ୍କ ଉପରେ ଆଦେଶ ଜାରି ହେଲା ପରେ ସ୍ୱାମୀ ତାଙ୍କର ସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ ନାହିଁ। ଯଦି ସେ ସମ୍ପତ୍ତି ହସ୍ତାନ୍ତର କରନ୍ତି, ତେବେ ଏହି ହସ୍ତାନ୍ତର ଅସିଦ୍ଧ ଘୋଷଣା ହେବ। ଉପରୋକ୍ତ ସଂଶୋଧନ ଛଡା ଓଡିଶା ସରକାର ୨୦୦୦ ମସିହାରେ ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ରାଜ୍ୟ ନିୟମାବଳୀ ବିଜ୍ଞପ୍ତି କରିଛନ୍ତି। ଏହି ନିୟମାବଳୀ ଅଧୀନରେ ରାଜ୍ୟ ସରକାର ଯୌତୁକ ନିବାରଣ ଅଧିକାରୀ ନିଯୁକ୍ତ କରିବେ ଏବଂ ତାଙ୍କର କାର୍ଯ୍ୟାବଳୀ ଭିତରେ ଅନ୍ତର୍ଭୁକ୍ତ ରହିବ ଏହିସବୁ ଅତିରିକ୍ତ ଦାୟିତ୍ୱ, ଯଥା, ଶିବିରମାନ ଆୟୋଜନ କରି ଜନସଚେତନତା ସୃଷ୍ଟି, ପରିବାର ପରାମର୍ଶ କେନ୍ଦ୍ର ବା ଅନ୍ୟ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଜରିଆରେ ପରାମର୍ଶ ପ୍ରଦାନ ଓ ଅଭିଯୋଗ ମୀମାଂସା,

ପୋଲିସ୍ ସହ ସମନ୍ୱୟ ରଖି ଅଭିଯୋଗଗୁଡିକର ଅନୁସନ୍ଧାନ ଏବଂ ମୀମାଂସାକୁ କ୍ଷିପ୍ରକରାଇବା, ସରକାରୀ ଅଭିଯୋଜକଙ୍କୁ ପରାମର୍ଶ ପ୍ରଦାନ କରିବା, ଜିଲ୍ଲା ମାଜିଷ୍ଟ୍ରେଟ୍, ଏସ୍.ପି. ସମାଜମଙ୍ଗଳ ନିର୍ଦ୍ଦେଶକ ଏବଂ ରାଜ୍ୟ ମହିଳା କମିଶନ୍‌ଙ୍କ ନିକଟକୁ ତ୍ରୈମାସିକ ବିବରଣୀ ପ୍ରଦାନ, ପ୍ରତି ମାମଲା ସଂବନ୍ଧରେ ଅଭିଲେଖଗୁଡିକର ଅନୁରକ୍ଷଣ ତଥା ସ୍ୱତନ୍ତ୍ର ଭାବେ ଗଠିତ ହୋଇଥିବା ଉପଦେଷ୍ଟା ପରିଷଦଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ତଥା କୌଣସି ଏକ ନିର୍ଦ୍ଦିଷ୍ଟ ମାମଲା ପ୍ରତି ସେମାନଙ୍କର ଧ୍ୟାନ ଆକର୍ଷଣ କରିବା। ଏହି ନିୟମାବଳୀ ଅନୁଯାୟୀ ଯୌତୁକ ନିବାରଣ ଅଧିକାରୀ ଅଭିଯୋଗ ଗ୍ରହଣ କରିବେ, ଅନୁସନ୍ଧାନ କରିବେ, ଶୁଣାଣି କରିବେ ଏବଂ ଫଇସଲା କରିବେ ଏବଂ ଏହି କାର୍ଯ୍ୟ ସଂପାଦନ ପାଇଁ ସେ ଅନ୍ୟ ଅଧିକାରୀମାନଙ୍କର ସହାୟତା ଲୋଡିପାରନ୍ତି। ଫୌଜଦାରି କାର୍ଯ୍ୟବିଧି ସଂହିତାରେ ସବ୍-ଡିଭିଜନାଲ୍ ଅଧିକାରୀଙ୍କୁ ଯେଉଁସବୁ କ୍ଷମତା ଅର୍ପଣ କରାଯାଇଛି, ତାହାସବୁ ଯୌତୁକ ନିବାରଣ ଅଧିକାରୀ ପ୍ରୟୋଗ କରିପାରିବେ। ସେ ଯେତେବେଳେ ଚାହିଁବେ ବିବାହର ଯେ କୌଣସି ପକ୍ଷ ନିଜ ପାଖରେ ରଖିଥିବା ଉପହାରସମୂହର ତାଲିକା ତାଙ୍କୁ ଯୋଗାଇଦେବେ। ଏହାଛଡା ପ୍ରତି ଜିଲ୍ଲାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସୁପାରିଶ୍ ମତେ ସରକାର ୫ ଜଣ ସମାଜ କଲ୍ୟାଣ କର୍ମୀଙ୍କୁ ନେଇ ଏକ ଉପଦେଷ୍ଟା ପରିଷଦ ନିଯୁକ୍ତ କରିବେ, ଯେଉଁମାନଙ୍କ ଭିତରେ ସଂପୃକ୍ତ ଯୌତୁକ ନିବାରଣ ଅଧିକାରୀଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳର ଅନ୍ୟୁନ ଦୁଇଜଣ ମହିଳା ଥିବେ। ଉପଦେଷ୍ଟା ପରିଷଦରେ ସମାଜର ଦୁର୍ବଳତର ଗୋଷ୍ଠୀ ଓ ଆଇନ୍ କ୍ଷେତ୍ରରୁ ଯଥୋଚିତ ପ୍ରତିନିଧିତ୍ୱ ରହିବ। ଯୌତୁକ ନିବାରଣ ଅଧିକାରୀ ପରିଷଦର ଆବାହକ ରୂପେ କାର୍ଯ୍ୟ ତୁଲାଇବେ କିମ୍ବା ତାଙ୍କ ସ୍ଥାନରେ ତାଙ୍କ କାର୍ଯ୍ୟ ତୁଲାଇବା ପାଇଁ ସେ ତାଙ୍କ ପସନ୍ଦ ମୁତାବକ ଜଣେ ଅଧସ୍ତନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ପରିଷଦର ମୁଖ୍ୟ ଦାୟିତ୍ୱ ହେବ, ଯୌତୁକ ନିବାରଣ ଅଧିକାରୀଙ୍କ ତ୍ରୈମାସିକ ବିବରଣୀଗୁଡିକୁ ଆଲୋଚନା କରିବା; ଯୌତୁକ ନିବାରଣ ଅଧିକାରୀ ଯାହା ଏବଂ ଯେତେବେଳେ ଆବଶ୍ୟକ କରିବେ, ତଦନୁଯାୟୀ ତାଙ୍କୁ ପରାମର୍ଶ ଏବଂ ସହାୟତା ପ୍ରଦାନ କରିବା; ଏବଂ ଯୌତୁକ ସମସ୍ୟାକୁ ନେଇ ଅନ୍ୟ କୌଣସି ବ୍ୟାପାରରେ ଆଲୋଚନା କରିବା ଏବଂ ଯୌତୁକ ନିବାରଣ ଅଧିକାରୀଙ୍କୁ ନିଜର ମତ ଜଣାଇଦେବା।

## ଆନ୍ଧ୍ର ପ୍ରଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସଂଶୋଧିତ ଯୌତୁକ ନିରୋଧ ଆଇନ୍, ୧୯୯୮

ଆନ୍ଧ୍ରପ୍ରଦେଶ ରାଜ୍ୟ ସରକାର ଯୌତୁକ ନିରୋଧ ଆଇନ୍‌ର ଯେଉଁ ସଂଶୋଧନ ଆଣିଲେ, ତଦ୍ୱାରା କେବଳ ଯୌତୁକ ଦେବା ଏବଂ ନେବା ନିୟନ୍ତ୍ରିତ ହେଲା ନାହିଁ, ବରଂ ଯୌତୁକ ଜନିତ ଅନ୍ୟ କେତେକ ଅପରାଧର ପ୍ରାଦୁର୍ଭାବ ହ୍ରାସ ପାଇବାରେଲାଗିଲା । ଏହି ସଂଶୋଧନ ଅନୁସାରେ ଯଦି କୌଣସି

ଆଇନ୍ ବିରୋଧି ବିବାହ ଅନୁଷ୍ଠିତ ହେଉଥାଏ, ତେବେ ସେ ଗ୍ରାମର ସରପଞ୍ଚ, ପ୍ରଶାସନ ଅଧିକାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ବିବାହ ଉତ୍ସବରେ ଯୋଗଦାନ କରିବା ପୂର୍ବକ ବିବରଣୀ ସଂଗ୍ରହ କରି ମଣ୍ଡଳ ରାଜସ୍ୱ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ଏହି ବିବରଣୀ ପାଇବା ପରେ ରାଜସ୍ୱ ଅଧିକାରୀ ୩ ଦିନ ମଧ୍ୟରେ ଏକ ମକଦ୍ଦମା ଦାୟର କରିପାରିବେ ଏବଂ ଏହି ଅଧିକାରୀ ଏପରି ସବୁ ଘଟଣାର ମାସିକ ବିବରଣୀ ଉପଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କ ନିକଟରେ ଦାଖଲ କରିବେ ଏବଂ ପୀଡିତାଙ୍କୁ ଯେପରି ନ୍ୟାୟ ମିଳିବ ସେପରି ଉଦ୍ୟମ କରିବେ।

ଯୌତୁକ ନିରୋଧ ଆଇନ୍ କେବଳ କେନ୍ଦ୍ରୀୟ ସ୍ତରରେ ନୁହେଁ, ଓଡିଶା ସମେତ ବିଭିନ୍ନ ରାଜ୍ୟରେ ସଂଶୋଧନ ହୋଇସାରିଲାଣି। କିନ୍ତୁ ଏହା ସମାଜରୁ ଯୌତୁକ ପ୍ରଥାକୁ ହ୍ରାସ କରିବାରେ ସମର୍ଥ ହୋଇ ପାରିନାହିଁ। ଯଦିଓ ମହିଳାମାନଙ୍କ ସ୍ଥିତିର ଉନ୍ନତି ବିଧାନ ପାଇଁ ବହୁ ଆନ୍ଦୋଳନ ଓ ଉଦ୍ୟମ ଜାରି ରହିଛି, ତଥାପି ସମାଜରେ ମହିଳାଙ୍କୁ ନ୍ୟୁନ କରି ଦେଖିବାର ମନୋବୃତ୍ତିର ମୌଳିକ ପରିବର୍ତ୍ତନ ସମ୍ଭବ ହୋଇ ପାରିନାହିଁ। ସେଥିପାଇଁ ସମାଜ ଯୌତୁକ ପରି ଏକ ଅନ୍ତର୍ଘାତୀ କୁପ୍ରଥା କବଳରୁ ମୁକ୍ତି ପାଇପାରୁ ନାହିଁ। ଗୋଟିଏ ପଟରେ ଯୌତୁକ ନିରୋଧ ଆଇନ୍ ଲାଗୁ ହୋଇଛି, ଅନ୍ୟପଟରେ ଆଇନ୍ କବଳରୁ ରକ୍ଷା ପାଇବା ପାଇଁ ନାନାଦି କୂଟକପଟର ଆଶ୍ରୟ ନିଆଯାଉଛି। ସାମାଜିକ ସ୍ୱୀକୃତି ଲାଭ କରିଥିବା ଏହି କୁପ୍ରଥାକୁ ଆଇନ୍ ସାହାଯ୍ୟରେ ସମ୍ପୂର୍ଣ୍ଣ ବିଲୋପ କରିବା ଏକ ଦୁରୁହ ବ୍ୟାପାର। କିନ୍ତୁ ଏହି କୁପ୍ରଥାର ପ୍ରାଦୁର୍ଭାବକୁ ପ୍ରଶମନ କରିବା ପାଇଁ ସଠିକ୍ ଭାବେ ପ୍ରଣୀତ ହୋଇଥିବା ଏକ ଆଇନ୍ ନିଶ୍ଚିତ ରୂପେ ସହାୟକ। ସୁତରାଂ ପ୍ରଚଳିତ ଆଇନ୍‌କୁ ଅଧିକ ବାସ୍ତବମୁଖୀ କରିବା ଏବଂ ତାହାର ନିଷ୍ଠାପର କାର୍ଯ୍ୟାନ୍ୱୟନ ସହିତ ମହିଳା ସମାଜକୁ ଏମିତି ସଶକ୍ତୀକରଣ କରିବା ପାଇଁ ଉଦ୍ୟମ କରାଯିବା ଉଚିତ୍ ଯେ, କୌଣସି ମହିଳା ନିଜେ ଯୌତୁକ ବିନିମୟରେ ବାହା ହେବାକୁ ଚାହିଁବନି, ଏବଂ ଅନ୍ୟପଟରେ ତା'ର ବିବାହ ବାବଦକୁ କେହି ଯୌତୁକ ଦାବୀ କରିବାକୁ ସାହାସ କରିବେନି।

## ଲିଂଗ ନିରୁପଣ ନିରୋଧ ଆଇନ୍ ୧୯୯୪

୧୯୭୧ରେ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍ କାର୍ଯ୍ୟକାରୀ ହେବା ପରଠାରୁ ଲକ୍ଷ୍ୟ କରାଗଲା ଯେ, ଏହି ଆଇନ୍ ଅଧୀନରେ ଗର୍ଭପାତ ପାଇଁ ମହିଳାମାନଙ୍କୁ ଦିଆଯାଇଥିବାର ସୁଯୋଗ ନେଇ ଅନେକ ବିବାହିତ ଦମ୍ପତି ଶିଶୁକନ୍ୟା ଜନ୍ମକୁ ଏଡାଇବା ସକାଶେ ଚିକିତ୍ସା-ବିଜ୍ଞାନ କ୍ଷେତ୍ରରେ ଉଦ୍‌ଭାବିତ ହୋଇଥିବା ଅତ୍ୟାଧୁନିକ କୌଶଳ ସାହାଯ୍ୟରେ ଗର୍ଭାବସ୍ଥାରେ ଥିବା ଶିଶୁର ଲିଙ୍ଗ ନିରୂପଣ ସହିତ କନ୍ୟାଭ୍ରୁଣକୁ ନଷ୍ଟ କରିଚାଲିଲେ। ଏହା ଫଳରେ ଦେଶର ଅନେକ ପ୍ରାନ୍ତରେ ମୋଟ ଜନସଂଖ୍ୟାରୁ ମହିଳାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଲା।

ଏଠାରେ ଉଲ୍ଲେଖନୀୟ ଯେ, ଅଲ୍ଟ୍ରାସାଉଣ୍ଡ ପଦ୍ଧତି ଦ୍ୱାରା ଜଣେ ଗର୍ଭବତୀ ମହିଳାର ଗର୍ଭାଶୟ ଓ ତହିଁରେ ଶିଶୁଭ୍ରୁଣର ଅବସ୍ଥା ପରୀକ୍ଷା କରାଯାଇଥାଏ, ଯାହାକି ଉଭୟ ମହିଳା ଏବଂ ଶିଶୁର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଅତୀବ ଉପାଦେୟ ବ୍ୟବସ୍ଥା । କିନ୍ତୁ ଏହା ଏକ ବିଡମ୍ବନା ଯେ, ଏହି ପରୀକ୍ଷା ବେଳେ ଗର୍ଭସ୍ଥ ଶିଶୁର ଲିଙ୍ଗ ମଧ୍ୟ ନିରୂପଣ କରାଯାଇପାରେ । ଆମ ଦେଶରେ ଯେହେତୁ କନ୍ୟାଶିଶୁ ପ୍ରତି ଏକ ପାରମ୍ପରିକ ହତାଦର ରହିଆସିଛି, ବହୁ ଦମ୍ପତି ଏହି ପଦ୍ଧତିର ସୁଯୋଗ ନେଇ ଗର୍ଭସ୍ଥ ଶିଶୁର ଲିଂଗ ନିରୂପଣ କଲେ ଏବଂ କନ୍ୟାଶିଶୁ ଗର୍ଭରେ ଥିବା ଜାଣିପାରି ଗର୍ଭପାତ କରାଇଲେ । ଯେହେତୁ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାକେନ୍ଦ୍ରରେ ଗର୍ଭପାତ ହୋଇପାରିବ ବୋଲି ଆଇନ୍‌ଗତ ବ୍ୟବସ୍ଥା ଅଛି, ତେଣୁ ବହୁ ଡାକ୍ତର ଆଗ୍ରହୀ ଦମ୍ପତିମାନଙ୍କ ଠାରୁ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ମନଇଚ୍ଛା କନ୍ୟାଭ୍ରୁଣ ନଷ୍ଟ କରିଚାଲିଲେ । ଏହାର ପରିଣାମ ସ୍ୱରୂପ, ପୁଅ ତୁଳନାରେ ଝିଅ ଜନ୍ମ କମିବାରେ ଲାଗିଲା ଓ ଏହି ଲିଙ୍ଗ ବୈଷମ୍ୟ ଜନସଂଖ୍ୟା ରିପୋର୍ଟରେ ମଧ୍ୟ ପ୍ରତିଫଳିତ ହେଲା । ସୁତରାଂ ଲିଙ୍ଗ ନିରୂପଣ କରିବାକୁ ବେଆଇନ୍ ଘୋଷଣା ପାଇଁ ଦାବୀ କରି ଦେଶର ବହୁ ମହିଳା-ସଂଗଠନ ଆନ୍ଦୋଳନ ଚଳାଇଥିଲେ । ଏହାର ପରିଣତି ସ୍ୱରୂପ, ୧୯୯୪ ମସିହାରେ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ବା ସଂକ୍ଷେପରେ ପି.ଏନ୍.ଡି.ଟି. ଆଇନ୍ ଆମ ସଂସଦରେ ଗୃହୀତ ହୋଇଥିଲା ।

## ପି.ଏନ୍.ଡି.ଟି. ଆଇନ୍ ଓ ନିୟମାବଳୀ

ଏପର୍ଯ୍ୟନ୍ତ ଲିଙ୍ଗ ନିରୂପଣ ନିଷେଧ ସଂକ୍ରାନ୍ତରେ ନିମ୍ନୋକ୍ତ ଆଇନ୍ ଓ ନିୟମାବଳୀ କେନ୍ଦ୍ରୀୟ ସ୍ତରରେ ପ୍ରଣୟନ କରାଯାଇଛି-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) (ଉପଦେଷ୍ଟା କମିଟିସମୂହ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ଆଇନ୍, ୨୦୦୨
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ନିୟମାବଳୀ, ୨୦୦୩

ପ୍ରଥମେ କନ୍ୟା ଭ୍ରୂଣହତ୍ୟାକୁ ରୋକିବା ଉଦ୍ଦେଶ୍ୟରେ 'ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ପ୍ରଣୀତ ହୋଇଥିଲା ଏବଂ ୧ ଜାନୁଆରି ୧୯୯୬ ଠାରୁ ଏହାର ନିୟମାବଳୀ ସହିତ କାର୍ଯ୍ୟକାରୀ ହେଲା। କିନ୍ତୁ ଏହାର କାର୍ଯ୍ୟକାରିତା ପ୍ରକ୍ରିୟାରେ କେତେକ ଅଭାବ ଓ ଅସୁବିଧା ଦୃଷ୍ଟିଗୋଚର ହେବାରୁ ଏହି ଆଇନ୍‌କୁ ୨୦୦୨ରେ ସଂଶୋଧନ କରାଯାଇଥିଲା। ଏହା ପରେ ପୁଣି ୨୦୦୩ରେ ଏହାର ନିୟମାବଳୀକୁ ସଂଶୋଧନ କରାଗଲା। ବର୍ତ୍ତମାନ ସଂଶୋଧିତ ଆଇନ୍ ଓ ନିୟମାବଳୀର ଶୀର୍ଷକରେ ପ୍ରାକ୍-ଗର୍ଭଧାରଣ ଶବ୍ଦକୁ ଯୋଡି ଦିଆଯାଇଛି, ଯଥା, ବର୍ତ୍ତମାନର ସଂଶୋଧିତ ନିୟମାବଳୀକୁ କୁହାଯାଉଛି, 'ଲିଙ୍ଗ-ଭିତ୍ତିକ ଗର୍ଭପାତ ଉଦ୍ଦେଶ୍ୟରେ ପ୍ରାକ୍-ଗର୍ଭଧାରଣ ଏବଂ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତି (ଲିଙ୍ଗ ନିରୂପଣର ନିଷେଧ) ନିୟମାବଳୀ, ୧୯୯୬'। ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ-ନିରୂପଣ ପଦ୍ଧତିଗୁଡିକର ବ୍ୟବହାର ତଥା ଲିଙ୍ଗ-ଭିତ୍ତିକ ଗର୍ଭପାତ ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡିକୁ ନିଷିଦ୍ଧ କରିବା ତଥା ଏହିସବୁ ପଦ୍ଧତିର ବ୍ୟବହାରକୁ ନିୟନ୍ତ୍ରଣ କରିବା।

**ପି.ଏନ୍ ଡି.ଟି. ଆଇନ୍‌ର ମୁଖ୍ୟ ବୈଶିଷ୍ଟ୍ୟମାନ-**

- ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- ଅଲ୍‌ଟ୍ରା-ସୋନୋଗ୍ରାଫି ଏବଂ ଆମ୍ନିଓସେଣ୍ଟୋସିସ୍‌ର ପ୍ରୟୋଗ ଦ୍ୱାରା ଏକ ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- କେବଳ ଚିକିତ୍ସା ପ୍ରୟୋଜନରୁ କୌଣସି ଅସ୍ୱାଭାବିକ ବୈଶିଷ୍ଟ୍ୟ, ବିଶୃଙ୍ଖଳା ଏବଂ ଜନ୍ମଜାତ ଅସଙ୍ଗତିକୁ ଠାବ କରିବା ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡିକୁ ବ୍ୟବହାର କରାଯାଇପାରେ, କିନ୍ତୁ ଭ୍ରୂଣର ଲିଙ୍ଗ-ନିରୂପଣ ପାଇଁ ନୁହେଁ ; ଏବଂ ଏହି ପଦ୍ଧତିଗୁଡିକର ବ୍ୟବହାର ପାଇଁ କେବଳ ପ୍ରସୂତି କ୍ଷେତ୍ରରେ ନିୟୋଜିତ ଥିବା ଚିକିତ୍ସା, ଗବେଷଣା ଏବଂ ପରାମର୍ଶ କେନ୍ଦ୍ରମାନଙ୍କୁ ଅନୁମତି ଦିଆଯାଇଥାଏ, ଏବଂ ଏହି କେନ୍ଦ୍ରଗୁଡିକ ଏହି ଆଇନ୍ ଅଧୀନରେ ପଞ୍ଜିକୃତ ହୋଇଥିବା ବିଧେୟ ;
- କୌଣସି ବ୍ୟକ୍ତି, ଏପରିକି ବନ୍ଧ୍ୟାତ୍ୱ ଉପରେ କାମ କରୁଥିବା ଜଣେ କି ଦଳେ ବିଶେଷଜ୍ଞ କୌଣସି ପୁରୁଷ ଅବା ମହିଳା ଅବା ଉଭୟଙ୍କ ଠାରୁ ସଂଗ୍ରହ କରିଥିବା କୌଣସି ପେଶୀ, ଭ୍ରୂଣ, ଗର୍ଭ, ତରଳ ପଦାର୍ଥ, ବା ବୀଜାଣୁକୁ ଲିଙ୍ଗ ନିରୂପଣ ଉଦ୍ଦେଶ୍ୟରେ ବ୍ୟବହାର କରିବେ ନାହିଁ ବା ଏତାଦୃଶ କାର୍ଯ୍ୟରେ ସହଯୋଗ କରିବେ ନାହିଁ ;

- ଅଲ୍ଟ୍ରା-ସାଉଣ୍ଡ ସ୍କାନ୍ କରୁଥିବା ସମସ୍ତ ଚିକିତ୍ସା କେନ୍ଦ୍ର ପଞ୍ଜିକୃତ ହେବେ ଏବଂ ଇଂରାଜୀ ବା ସ୍ଥାନୀୟ ଭାଷାରେ ଏକ ସୁଦୃଶ୍ୟ ସ୍ଥାନରେ ଏକଥା ଲେଖିବେ ଯେ, "ଭ୍ରୁଣର ଲିଙ୍ଗ ନିରୂପଣ ଆଇନ୍ ବଳରେ ନିଷିଦ୍ଧ ହୋଇଛି" ;
- ଜଣେ ଗର୍ଭବତୀ ମହିଳାଙ୍କ ଉପରେ ଅଲ୍ଟ୍ରାସୋନୋଗ୍ରାଫି କରୁଥିବା ପ୍ରତି ବ୍ୟକ୍ତି ତାଙ୍କର ପ୍ରତି ରିପୋର୍ଟରେ ଏକ ଘୋଷଣା ପ୍ରଦାନ କରିବେ ଯେ, ସେ ଭ୍ରୁଣର ଲିଙ୍ଗ ନିରୂପଣ କରିନାହାନ୍ତି କିମ୍ବା ଭ୍ରୁଣର ଲିଙ୍ଗ ବିଷୟରେ ସଂପୃକ୍ତ ଗର୍ଭବତୀ ମହିଳାଙ୍କୁ କିମ୍ବା ତାଙ୍କର ସଂପର୍କୀୟ ମାନଙ୍କୁ ମୌଖିକ ଭାବେ ବା ସାଙ୍କେତିକ ଢଙ୍ଗରେ କିମ୍ବା ଅନ୍ୟ କୌଣସି ପ୍ରକାରେ କିଛି ପ୍ରକାଶ କରିନାହାନ୍ତି;
- ଯଦି ଜଣେ ଡାକ୍ତର ବା ଗୋଟିଏ ଚିକିତ୍ସା କେନ୍ଦ୍ର ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣ ପରୀକ୍ଷା ପାଇଁ କୌଣସି ବିଜ୍ଞାପନ ଦେଉଛନ୍ତି, ତେବେ ତାଙ୍କ ଉପରେ ଏହି ଆଇନ୍ ଅନୁଯାୟୀ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରେ ; ଏବଂ
- ଏହି ଆଇନ୍ ଅଧୀନସ୍ଥ ଅପରାଧଗୁଡିକ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଏବଂ ରଫା-ରହିତ ଅଟେ।

**ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ କର୍ତ୍ତୃପକ୍ଷଗଣ-**

ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ଯଥୋଚିତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ପ୍ରତି ରାଜ୍ୟ ସରକାର ଆବଶ୍ୟକ ମତେ ଏକ ବା ଏକାଧିକ ଯଥୋଚିତ କର୍ତ୍ତୃପକ୍ଷ ଗଠନ କରିପାରନ୍ତି। ପ୍ରତି କର୍ତ୍ତୃପକ୍ଷଙ୍କୁ ସହାୟତା ଏବଂ ପରାମର୍ଶ ପ୍ରଦାନ କରିବାକୁ ରହିବେ ଉପଦେଷ୍ଟା କମିଟି । ରାଜ୍ୟସ୍ତରୀୟ ଯଥୋଚିତ କର୍ତ୍ତୃପକ୍ଷର ସଦସ୍ୟ ରହିବେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବା ତଦୁର୍ଦ୍ଧ୍ୱ ପାହ୍ୟାର ଜଣେ ଅଧିକାରୀ (ସେ ମଧ୍ୟ ଏହାର ଅଧ୍ୟକ୍ଷ ରହିବେ), ମହିଳା ସଂଗଠନଗୁଡିକୁ ପ୍ରତିନିଧିତ୍ୱ କରୁଥିବା ଜଣେ ବିଶିଷ୍ଟ ମହିଳା, ଏବଂ ଆଇନ୍ ବିଭାଗର ଜଣେ ଅଧିକାରୀ ( ଯେ କି ଆଇନ୍ ଅଧିକାରୀ ରୂପେ ପରିଚିତ ହେବେ)। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନା ମତେ ଜିଲ୍ଲା ସ୍ତରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ବା ସିଭିଲ୍ ସର୍ଜନ୍‌ଙ୍କୁ ଯଥୋଚିତ କର୍ତ୍ତୃପକ୍ଷଭାବେ ଘୋଷଣା କରାଯାଇଛି। କିନ୍ତୁ ଉପ-ଜିଲ୍ଲା ସ୍ତରର ବ୍ୟବସ୍ଥା ପ୍ରତି ରାଜ୍ୟ ପାଇଁ ଭିନ୍ନ ଭିନ୍ନ ହୋଇପାରେ।

ଯଥୋଚିତ କର୍ତ୍ତୃପକ୍ଷଙ୍କର ମୁଖ୍ୟ କାର୍ଯ୍ୟାବଳୀ-

- ପଞ୍ଜିକରଣକୁ ମଞ୍ଜୁର, ନିଲମ୍ବନ ଓ ରଦ୍ଦ କରିବା।
- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ର ଗୁଡିକ ଉପରେ ଅନୁସରଣୀୟ ମାନଦଣ୍ଡସମୂହକୁ ଲାଗୁ କରିବା।
- ଆଇନ୍‌ର ପ୍ରାବ୍ଧାନଗୁଡିକର ଉଲ୍ଲଂଘନ ସମ୍ବନ୍ଧରେ ଅଭିଯୋଗଗୁଡିକର ଅନୁସନ୍ଧାନ କରିବା।
- ଅଭିଯୋଗଗୁଡିକୁ ଅଦାଲତରେ ଦାଖଲ କରିବା।
- ଜନସଚେତନତା ସୃଷ୍ଟି କରିବା।
- କୌଣସି ବ୍ୟକ୍ତି ଦ୍ୱାରା କୌଣସି ସ୍ଥାନରେ ଲିଙ୍ଗ ନିରୂପଣ ପଦ୍ଧତି ବ୍ୟବହାର କରାଯାଉଥିଲେ, ତାଙ୍କ ବିରୁଦ୍ଧରେ ନିଜ ତରଫରୁ ବା ଆଉ କାହା ଦ୍ୱାରା ସୂଚୀତ ହୋଇ ଯଥୋଚିତ କାନୁନୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ତଥା ଏହି ବ୍ୟାପାରରେ ନିଜେ ସ୍ୱାଧୀନ ଭାବେ ଅନୁସନ୍ଧାନ ଆରମ୍ଭ କରିବା।
- ଉପଦେଷ୍ଟା କମିଟି ଠାରୁ ପରାମର୍ଶ ଗ୍ରହଣ କରିବା।

କିନ୍ତୁ ଯଦି ଏକ ଅଭିଯୋଗ ମିଳିବାର ୧୫ ଦିନ ଭିତରେ ଯଥୋଚିତ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବ୍ୟର୍ଥ ହୁଅନ୍ତି, ତେବେ ଜଣେ ଜନସ୍ୱାର୍ଥ-ପ୍ରଣୋଦିତ ବ୍ୟକ୍ତି ଏହି ବ୍ୟାପାରକୁ ନେଇ ସିଧାସଳଖ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ। ଏହି ଆଇନ୍ ଅଧୀନସ୍ଥ ଅଭିଯୋଗକୁ ଯଥାସ୍ଥିତି ଜଣେ ପ୍ରଥମ-ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ନତୁବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ବିଚାର କରିବେ।

## ପି.ଏନ୍.ଡି.ଟି. ଉପଦେଷ୍ଟା କମିଟି

ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାର ପ୍ରତି ଯଥୋଚିତ କର୍ତ୍ତୃପକ୍ଷଙ୍କୁ ସହାୟତା ଓ ପରାମର୍ଶ ଦେବା ପାଇଁ ଗୋଟିଏ ଉପଦେଷ୍ଟା କମିଟି ଗଢିବେ ଏବଂ ଏହାର ଜଣେ ସଦସ୍ୟଙ୍କୁ ଅଧ୍ୟକ୍ଷ ରୂପେ ମନୋନୀତ କରିବେ। ଏହି କମିଟିର ସଭ୍ୟ ରହିବେ- ୩ ଜଣ ଚିକିତ୍ସା ବିଶେଷଜ୍ଞ (ସ୍ତ୍ରୀରୋଗ, ପ୍ରସୂତି, ଶିଶୁରୋଗ ଏବଂ ପ୍ରଜନନ ବିଭାଗରୁ), ଜଣେ ଆଇନଜ୍ଞ, ରାଜ୍ୟର ସୂଚନା ପ୍ରସାରଣ ବିଭାଗର ଜଣେ ଅଧିକାରୀ, ତଥା ୩ଜଣ ବିଶିଷ୍ଟ ସମାଜସେବୀ ଯେଉଁମାନଙ୍କ ଭିତରୁ ଅନ୍ତତଃ ଜଣେ ମହିଳା ସଂଗଠନଗୁଡିକର ପ୍ରତିନିଧି ହୋଇଥିବେ। ପଞ୍ଜିକରଣ ପାଇଁ ଏକ ଆବେଦନ କିମ୍ବା ଏକ ପଞ୍ଜିକରଣକୁ ନିଲମ୍ବନ ବା ରଦ୍ଦ କରିବା ପାଇଁ ବିଚାର କରିବା ତଥା ପରାମର୍ଶ ଦେବା ସକାଶେ ଉପଦେଷ୍ଟା କମିଟି ନିଜେ ଚାହିଁବା ମତେ ଯେ କୌଣସି ସମୟରେ ବୈଠକ କରିପାରନ୍ତି ନଚେତ୍ ଯଥୋଚିତ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ବୈଠକରେ ବସିପାରନ୍ତି।

## କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ-

ଏହା ଛଡା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ କାର୍ଯ୍ୟ କରିବ, ଯେଉଁଥିରେ ବିଭିନ୍ନ ସରକାରୀ ପଦାଧିକାରୀଙ୍କ ସମେତ ସ୍ତ୍ରୀରୋଗ ବିଶେଷଜ୍ଞ, ମହିଳା ସଂଗଠନର ପ୍ରତିନିଧି ଏବଂ କିଛି ସାଂସଦ ସଦସ୍ୟ ରହିବେ। ଏହି ପରିଷଦର କାର୍ଯ୍ୟମାନ ହେଲା-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହର ପ୍ରୟୋଗକୁ କେନ୍ଦ୍ର କରି ନୀତିଗତ ବ୍ୟାପାରରେ ସରକାରଙ୍କୁ ପରାମର୍ଶ ଦେବା ;
- ଆଇନ୍ ଓ ନିୟମାବଳୀର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରିବା ଏବଂ ଆବଶ୍ୟକମତେ ସେଥିରେ ସଂଶୋଧନ ପାଇଁ ସରକାରଙ୍କୁ ସୁପାରିଶ୍ କରିବା;
- ପ୍ରାକ୍-ପ୍ରସବ ଲିଙ୍ଗ ନିରୂପଣ ଏବଂ କନ୍ୟା ଭ୍ରୁଣହତ୍ୟା ସମ୍ବନ୍ଧରେ ଜନଚେତନା ସୃଷ୍ଟି କରିବା;
- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ରଗୁଡିକରେ କର୍ମରତ ବ୍ୟକ୍ତିମାନଙ୍କ ଆଚାରସଂହିତା ପ୍ରଣୟନ କରିବା; ଏବଂ
- ଅନ୍ୟ ଯାହାକିଛି ବିହିତ ହୋଇପାରେ।

ଏହି ଆଇନ୍ ଅଧୀନରେ କେବଳ କେନ୍ଦ୍ର ସରକାରଙ୍କର ହିଁ ନିୟମାବଳୀ ପ୍ରଣୟନ କରିବାର କ୍ଷମତା ରହିଛି। ଏହାଛଡା କେନ୍ଦ୍ରୀୟ ପରିବେକ୍ଷଣ ପରିଷଦକୁ ବିନିୟମ ପ୍ରଣୟନର କ୍ଷମତା ଦିଆଯାଇଛି।

**ପି.ଏନ୍.ଡି.ଟି. ଆଇନ୍ ସମ୍ବନ୍ଧରେ କେତେକ ଜାଣିବା କଥା:-**

- ସରକାରଙ୍କର ବିନାନୁମତିରେ କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ଏ ପ୍ରକାର ପରୀକ୍ଷା କରିପାରିବେ ନାହିଁ।
- କେବଳ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟଗତ ସ୍ଥିତି ସମ୍ପର୍କରେ ଜାଣିବା ହିଁ ଆଇନ୍ ସଙ୍ଗତ ।
- ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତି ଏହି ପରୀକ୍ଷା କରିବା ପୂର୍ବରୁ ବିଶେଷ ଭାବରେ ୨ଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ। ପରୀକ୍ଷା କରୁଥିବା ମହିଳାଙ୍କର ବୟସ ୩୦ ବର୍ଷରୁ ଅଧିକ ହୋଇଥିବ। (୨) ପୂର୍ବରୁ ୨ଥର କିମ୍ବା ଅଧିକ ଥର ଗର୍ଭପାତ ହୋଇ ନଥିବ।
- ଯଦି ପରୀକ୍ଷା କରୁଥିବା ମହିଳା ବଂଶାନୁକ୍ରମିକଭାବେ ମାନସିକ ସ୍ତରରେ ବିକାରଗ୍ରସ୍ତ ଥିବେ ତେବେ ଅଭିଜ୍ଞ ଡାକ୍ତରଙ୍କର ପରାମର୍ଶ ନିଆ ଅତ୍ୟନ୍ତ ଆବଶ୍ୟକ।
- ପରୀକ୍ଷା ପାଇଁ ଇଚ୍ଛୁକ ମହିଳାଙ୍କର ଲିଖିତ ସମ୍ମତି ଥିବା ଜରୁରୀ।
- ପରୀକ୍ଷା କରିଥିବା ବ୍ୟକ୍ତି କଥାରେ, ଲିଖିତ ଭାବେ ଅବା ଇଂଗିତ ଦ୍ୱାରା ମହିଳାଙ୍କୁ କିମ୍ବା ତାଙ୍କର ସମ୍ପର୍କୀୟଙ୍କୁ ଭ୍ରୁଣର ଲିଙ୍ଗ ବିଷୟରେ ଜଣାଇବେ ନାହିଁ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ।

- ଏହି ଅପରାଧରେ ଜଡିତ ଡାକ୍ତର ଏବଂ ତାଙ୍କର ସହଯୋଗୀ ଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ତଥା ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରିବ । ଯଦି ଏହାର ପୁନରାବୃତ୍ତି ଘଟେ, ତେବେ ୫ ବର୍ଷର ଜେଲଦଣ୍ଡ ଏବଂ ପଚାଶ ହଜାର ଟଙ୍କାର ଜୋରିମନା ଲାଗୁ ହୋଇପାରିବ ।

- ଦୋଷୀ ଡାକ୍ତର ତଥା ତାଙ୍କ ସହଯୋଗୀମାନଙ୍କର ସ୍ୱୀକୃତି ଷ୍ଟେଟ୍ ମେଡିକାଲ କାଉନ୍‌ସିଲ୍ ଦ୍ୱାରା ୨ ବର୍ଷ ପାଇଁ ରଦ୍ଦ ହୋଇଯିବ, ଏବଂ ଯଦି ପୁଣି ସେମାନେ ଦ୍ୱିତୀୟଥର ପାଇଁ ଆଇନ୍‌ର ଉଲ୍ଲଂଘନ କରନ୍ତି, ତେବେ ସ୍ଥାୟୀ ଭାବେ ସେମାନଙ୍କର ସ୍ୱୀକୃତି ରଦ୍ଦ କରି ଦିଆଯିବ ।

- ରାଜ୍ୟ ସରକାର ଏହି ପରୀକ୍ଷାର ଅପପ୍ରୟୋଗ ରୋକିବା ପାଇଁ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିବେ ।

## ଓଡିଶାରେ ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା -

କିନ୍ତୁ ବଡ କ୍ଷୋଭର କଥା, ଓଡିଶା ସରକାର ଏପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିନାହାନ୍ତି କି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଭଳି ପଦକ୍ଷେପମାନ ନେବା କଥା ନେଇନାହାନ୍ତି । ଏହାର ପରିଣାମ ସ୍ୱରୂପ, ରାଜ୍ୟସାରା କନ୍ୟା ଭ୍ରୁଣହତ୍ୟା ବଢ଼ିବଢ଼ି ଚାଲିଛି । ନିକଟ ଅତୀତରେ ନୟାଗଡରେ ବହୁ ପରିମାଣର ମୃତଭ୍ରୁଣର ସନ୍ଧାନ ମିଳିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା ଏବଂ ମହିଳା ସଂଗଠନମାନେ ପି.ଏନ୍.ଡି.ଟି. ଆଇନ୍‌କୁ କଡାକଡି ଭାବେ ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଜନମତର ଚାପରେ ରାଜ୍ୟ ସରକାର ଲୋକଦେଖାଣିଆ ଭାବେ କିଛି ନର୍ସିଂ ହୋମ୍ ଏବଂ ଡାକ୍ତରଙ୍କ ଉପରେ ଧରପଗଡ କଲେ, କିନ୍ତୁ ଏବେ ବି ତାଙ୍କର ମୂଳ ଦାୟିତ୍ୱ, ଯଥା ଏକ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରି ତଳୁ ଉପରଯାଏ ଲିଙ୍ଗ ନିରୂପଣ ପରୀକ୍ଷା କାରବାରକୁ ଲଗାତାର ତଦାରଖ ପାଇଁ ଉପଯୁକ୍ତ ପ୍ରଶାସନିକ ବ୍ୟବସ୍ଥାକୁ ରୂପ ଦେଇପାରି ନାହାନ୍ତି ।

## କେଶ୍ ଦାଏର୍ ପ୍ରଣାଳୀ

ଆଇନ୍‌ର ପ୍ରୟୋଗ କରିବା ପୂର୍ବରୁ 'ଆଇନ୍‌ର ଶାସନ' ସମ୍ବନ୍ଧରେ ଏକ ସୁସ୍ପଷ୍ଟ ଧାରଣା ଅର୍ଜନ କରିବାର ଆବଶ୍ୟକତା ରହିଅଛି । ଆଇନ୍ ଆଗରେ ସମସ୍ତେ ସମାନ । କିନ୍ତୁ ପ୍ରକୃତ ନ୍ୟାୟ ସେହି ପରିସ୍ଥିତିରେ ମିଳିପାରିବ, ଯେତେବେଳେ ବିଭିନ୍ନ ପଦପଦବୀରେ ଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତାଗଣ ଉତ୍କୋଚ, କ୍ଷମତା ଲାଳସା ଏବଂ ଅନ୍ୟସବୁ ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିଜର କର୍ତ୍ତବ୍ୟ

ସମ୍ପାଦନ କରନ୍ତି । କିନ୍ତୁ ଆମ୍ଭେମାନେ ଭଲ ଭାବେ ଜାଣୁ ଯେ, ବର୍ତ୍ତମାନ ସ୍ଥିତିରେ ଏହା ଏକ ଅସମ୍ଭବ ବ୍ୟାପାର । ଏହା ସହିତ ଏକଥା ମଧ୍ୟ ସତ୍ୟ ଯେ, ବର୍ତ୍ତମାନର ପରିସ୍ଥିତିକୁ ଯଦି ଆମେ ବଦଳେଇବାକୁ ଚାହୁଁ, ତେବେ ତାହା ମଧ୍ୟ ଆମର ଦାୟିତ୍ୱ । ବହୁ ସମୟରେ ଆମ ନିଜର ଅବହେଳା ଯୋଗୁଁ ଅନ୍ୟାୟ ବିରୁଦ୍ଧରେ ଆରମ୍ଭ ହୋଇଥିବା ଏକ ପ୍ରତିବାଦ ତା'ର ଚୂଡାନ୍ତ ପରିଣତିରେ ପହଞ୍ଚି ପାରେନା କି ପ୍ରକୃତ ଅପରାଧୀ ଦଣ୍ଡିତ ହୋଇପାରେନା । ଏପରି ମଧ୍ୟ ଶୁଣିବାକୁ ମିଳିଥାଏ, ଆମେ ଯେଉଁ ଧାରାରେ ପ୍ରତିବାଦ କଲୁ ତାହା ବିଧିସମ୍ମତ ନଥିଲା । ପ୍ରକୃତ ପକ୍ଷେ ଆଇନ୍ ଓ ଆଇନ୍‌ର କାର୍ଯ୍ୟଧାରା ସମ୍ବନ୍ଧରେ ଆମର ଅଜ୍ଞତା ଏବଂ କୌଣସି ଏକ ମାମଲାକୁ ନିଷ୍ଠାପର ଭାବେ ଅନୁଧାବନ କରିବାରେ ଯତ୍ନଶୀଳତାର ଅଭାବ ଯୋଗୁଁ ଆମର ପ୍ରୟାସଗୁଡିକ ଅଧପନ୍ତରିଆ ହୋଇ ରହିଯାଏ । ସୁତରାଂ ଆମେ ଯେତେବେଳେ ଏକ କୌଣସି ଅନ୍ୟାୟ ବା ଅବିଚାର ବିରୁଦ୍ଧରେ ଏକ କେଶ୍ ରୁଜୁ କରିବାକୁ ଚାହୁଁ, ସେତେବେଳେ ପ୍ରଥମେ ଆମକୁ କୌଣସି ଜଣେ ପ୍ରଗତିଶୀଳ ଆଇନଜୀବି ବା ଅଭିଜ୍ଞ ସମାଜକର୍ମୀଙ୍କ ସହ ପରାମର୍ଶ କରି ଠିକ୍ କରିବାକୁ ପଡିବ, କେଉଁ ଆଇନ୍‌ର କେଉଁ ଧାରା ଅଧୀନରେ ଆମେ ଥାନାରେ, ଅଦାଲତରେ କିମ୍ବା ସଂପୃକ୍ତ ପ୍ରଶାସନିକ ଦପ୍ତରରେ ଅଭିଯୋଗ ପତ୍ର ଦାଖଲ କରିବୁ । ବିଶେଷ କରି ନିମ୍ନୋକ୍ତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାକୁ ପଡିବ -

- ଯଦି ଥାନାରେ ଅଭିଯୋଗ କରିବାକୁ ପଡେ, ତେବେ ଲିଖିତ ଆକାରରେ ଏହାକୁ ଦାଖଲ କରିବାକୁ ପଡ଼ିବ ।
- ଯେଉଁ ଲିଖିତ ଅଭିଯୋଗ ଦାଖଲ କରାଗଲା, ତହିଁର ଏକ ପ୍ରାପ୍ତି ସ୍ୱୀକାର ରସିଦ୍ ସେହି ଅଫିସ୍‌ରୁ ଆଣିବା ପାଇଁ ଆମେ ଯେମିତି ଭୁଲି ନଯାଉଁ ।
- ଆମର ଅଭିଯୋଗ ପଂଜିକୃତ ହୋଇଗଲେ ଆମେ ଏହି ତିନୋଟି ବିଷୟରେ ସବୁବେଳେ ମନେ ରଖିବା, ପ୍ରଥମତଃ ଆମର ଅଭିଯୋଗ ସଂଖ୍ୟାଟି କ'ଣ, ଏବଂ ଦ୍ୱିତୀୟତଃ କେଉଁ ଦଫା ବା ଦଫାସମୂହ ଅଧୀନରେ ଆମର ଅଭିଯୋଗ ପଂଜିକୃତ ହୋଇଛି ଏବଂ ତୃତୀୟତଃ ଆମେ କରିଥିବା ଅଭିଯୋଗଟିକୁ ଉପଯୁକ୍ତ ଦଫା ଅନୁସାରେ ଲିପିବଦ୍ଧ କରାଯାଇଛି କି ନା ।
- ଏହା ପରେ ସାକ୍ଷୀ ତଥା ପ୍ରମାଣଗୁଡିକର ତାଲିକା ପୋଲିସ୍‌କୁ ଦେବାକୁ ପଡ଼ିବ ।
- ଅଭିଯୁକ୍ତଙ୍କ ବିରୁଦ୍ଧରେ ଥରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ ହେବାମାତ୍ରେ କେଶ୍ ସଂଖ୍ୟାର ପରିବର୍ତ୍ତନ ଘଟିଥାଏ । ଏପର୍ଯ୍ୟନ୍ତ ଥିଲା ଅପରାଧ ସଂଖ୍ୟା, ବର୍ତ୍ତମାନ ଠାରୁ ଏହା ପରିଚିତ ହେବ କେଶ୍ ସଂଖ୍ୟା ଦ୍ୱାରା । ଆମକୁ ଏହି କେଶ୍ ସଂଖ୍ୟା ମନେ ରଖିବାକୁ ପଡିବ ।

ଯଦି ଅଭିଯୁକ୍ତ କିମ୍ବା ତାଙ୍କ ତରଫରୁ କେହି ବ୍ୟକ୍ତି ଅଭିଯୋଗକାରୀ କିମ୍ବା ତାଙ୍କର ସହଯୋଗୀଙ୍କୁ ଆକ୍ରମଣ କରନ୍ତି ବା ଧମକଚମକ ଦିଅନ୍ତି, ତେବେ ଏ ବିଷୟରେ ସୂଚନା ତୁରନ୍ତ ବିଚାରପତି ଏବଂ ପୋଲିସ ଥାନାଙ୍କୁ ଜଣାଇବାକୁ ପଡ଼ିବ ।

**ମୃତ୍ୟୁକାଳୀନ ଜମାନବନ୍ଦୀ- ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ :**

ଯଦି କୌଣସି ବ୍ୟକ୍ତି ସଂକଟାପନ୍ନ ଅବସ୍ଥାରେ ଥା'ନ୍ତି ଏବଂ ଅଳ୍ପ ସମୟ ଭିତରେ ମୃତ୍ୟୁବରଣ କରିବାର ଆଶଙ୍କା ଅଛି, ତେବେ ସେହି ସମୟରେ ସେ ଦେଇଥିବା ବୟାନ୍‌କୁ ମୃତ୍ୟୁକାଳୀନ ଜମାନବନ୍ଦୀ କୁହାଯାଏ । ଉଦାହରଣ ସ୍ୱରୂପ, ଯଦି ଯୌତୁକ ନିର୍ଯ୍ୟାତନା କାରଣରୁ ଜଣେ ମହିଳାଙ୍କ ଶରୀର ଶତକଡ଼ା ୭୫ ଭାଗ ଦଗ୍ଧ ହୋଇ ଗୁରୁତର ଅବସ୍ଥା ଭିତରେ ଗତିକରୁଥାଏ, ତେବେ ତାଙ୍କ ଠାରୁ ଏପ୍ରକାର ଜମାନବନ୍ଦୀ ନିଆଯିବା ଜରୁରୀ । ଯଦି ସେ ମରିଯାନ୍ତି, ତେବେ ତାଙ୍କର ସେହି ବୟାନ ମୃତ୍ୟୁକାଳୀନ ଜମାନବନ୍ଦୀ ରୂପେ ଯୌତୁକ ହତ୍ୟାର ଅଭିଯୋଗକୁ ସାବ୍ୟସ୍ତ କରିବାରେ ସହାୟକ ହେବ ।

କେଶ୍ ବିଚାର ସମୟରେ ଭାରତୀୟ ସାକ୍ଷ୍ୟପ୍ରମାଣ ଆଇନ୍ ମୃତ୍ୟୁକାଳୀନ ଜମାନବନ୍ଦୀ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥାଏ । କାରଣ ଗୋଟିଏ କଥା ଅଛି, ମରୁଥିବା ବ୍ୟକ୍ତି କଦାପି ମିଛ କହିବ ନାହିଁ । ଆଉ ଗୋଟିଏ କଥା, 'ମରିବା ଲୋକର ମୁଖରେ ହିଁ ସତ୍ୟ ବାସ କରିଥାଏ' ମୃତ୍ୟୁକାଳୀନ ଜମାନବନ୍ଦୀର ଗୁରୁତ୍ୱ ବୃଦ୍ଧି କରି ଦେଇଛି । ଯଦି ମୃତ୍ୟୁ କାଳୀନ ଜମାନବନ୍ଦୀ ଦେବା ପରେ ବ୍ୟକ୍ତିର ମୃତ୍ୟୁ ହୋଇଥାଏ ତେବେ, ଏହି ଜମାନବନ୍ଦୀକୁ ବିଚାରକୁ ନିଆଯାଇଥାଏ ।

ମୃତ୍ୟୁକାଳୀନ ଜମାନବନ୍ଦୀ ଲିଖିତ ଭାବରେ କିମ୍ବା ମୌଖିକ ଭାବରେ ପ୍ରସ୍ତୁତ କରାଯାଇଥାଏ । ଏହି ଜମାନବନ୍ଦୀ ଜଣେ ପୋଲିସ୍ ଅଫିସର୍ ବା ଜଣେ ଡାକ୍ତରଙ୍କର ଉପସ୍ଥିତିରେ ନିଆଯାଇଥାଏ।

ଯଦି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ବୟାନ ନିଆ ଯାଇଥାଏ, ତେବେ ତାହା ଏକ ଶକ୍ତିଶାଳୀ ପ୍ରମାଣ ଭାବେ କାମ ଦେଇଥାଏ ।

କିନ୍ତୁ ଏକ ଜରୁରୀକାଳୀନ ପରିସ୍ଥିତିରେ ଯେ କୌଣସି ବ୍ୟକ୍ତି ଏହି ବୟାନ୍ ଲିପିବଦ୍ଧ କରିପାରନ୍ତି ।

ଯଦି ମୁମୂର୍ଷୁ ବ୍ୟକ୍ତି କଥା କହିବାକୁ ସମର୍ଥ ନଥାନ୍ତି, ତେବେ ସେ କରୁଥିବା ଇଂଗିତଗୁଡ଼ିକୁ ଭିତ୍ତି କରି ତାଙ୍କର ବୟାନ୍ ଲିପିବଦ୍ଧ କରିହେବ ।

- ଏହି ଜମାନବନ୍ଦୀ ଦେବା ସମୟରେ ମୁମୂର୍ଷୁ ବ୍ୟକ୍ତି ମାନସିକ ଭାବେ ସୁସ୍ଥ ଥିଲେ ବୋଲି ଡାକ୍ତର ଏକ ପ୍ରମାଣ ପତ୍ର ଦେଇଥିବା ଜରୁରୀ, ନଚେତ୍ ଏହି ସାକ୍ଷ୍ୟପ୍ରମାଣର ବୈଧତା ରହିବ ନାହିଁ।
- ଯଦି ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଉପସ୍ଥିତ ନଥିବେ ତେବେ ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଯଥା, ତହସିଲ୍‌ଦାର୍, ଆର୍.ଡି.ସି. ବା ଜଣେ ଡାକ୍ତରଙ୍କ ଉପସ୍ଥିତିରେ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇ ପାରିବ।

## ପ୍ରାଥମିକ ସୂଚନା ବିବରଣୀ (ଏଫ୍ ଆଇ.ଆର.)

ଅପରାଧର ଏକ ଘଟଣା ଘଟିବା ସଂଗେ ସଂଗେ ଆମେ ସ୍ଥାନୀୟ ପୋଲିସ୍ ଥାନାରେ ଏହା ଜଣାଇବାକୁ ପଡିଥାଏ। ଅଭିଯୋଗକାରୀର ବୟାନ୍‌କୁ ଭିତ୍ତିକରି ଥାନାରେ ଏକ ବିବରଣୀ ବିଧିବଦ୍ଧ ଭାବେ ଲିପିବଦ୍ଧ କରାଯାଏ । ଏହାକୁ ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍. କୁହାଯାଏ । ସମସ୍ତେ ଏକ ମାମଲା ସମ୍ବନ୍ଧରେ ଚର୍ଚ୍ଚା କଲା ବେଳେ ତାହା ଉପରେ ଏତଲା ବା ଏଫ୍.ଆଇ.ଆର୍. କରାଯାଇଛି କି ନା ପଚାରିଥାନ୍ତି ।

### ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍.ର ନମୁନା ପ୍ରରୂପ

### (ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୧୫୪ ଧାରା ଅନୁଯାୟୀ)

୧. ଜିଲ୍ଲା ........... ଥାନା ........
ବର୍ଷ ........
ଏତଲା ନମ୍ବର ........... ତାରିଖ .............

୨. (କ) ଆଇନ୍ ......... ଦଫା.......
(ଖ) ଆଇନ୍............. ଦଫା ...........
(ଗ) ଆଇନ୍.............. ଦଫା ...........
(ଘ) ଅନ୍ୟାନ୍ୟ ଆଇନ୍‌ର ଦଫାସମୂହ . . . . . . . . . . . .

୩. (କ) ସାଧାରଣ ଡାଏରୀ ପଞ୍ଜିକରଣ ନମ୍ବର ...... ସମୟ .........
(ଖ) ଘଟିତ ଅପରାଧଟି କଣ ?
ଦିନ ............... ତାରିଖ ............. ସମୟ

(ଗ) ଥାନାରେ ବିବରଣୀଟି କେତେବେଳେ ଗ୍ରହଣ ପହଞ୍ଚିଲା

ତାରିଖ ............ ସମୟ .......

ସାଧାରଣ ଡାଏରୀ ପୃଷ୍ଠା ନମ୍ବର ..........

୪. ବିବରଣୀ ଟି କେଉଁ ରୀତିରେ ଦାଖଲ ହୋଇଛି - ମୌଖିକ / ଲିଖିତ

୫. ଅପରାଧର ସ୍ଥାନ :

(କ) ଥାନାଠାରୁ କେତେ ଦୂର ......... ଦିଗ .........

(ଖ) ଠିକଣା ......

ବିଟ୍ ନଂ. ............

(ଗ) ଯଦି ଥାନାର ଇଲାକା ବାହାରେ ହୋଇଥିବ, ତେବେ ସଂପୃକ୍ତ ଥାନା-

ନାମ ............. ଜିଲ୍ଲା ...............

୬. ଅଭିଯୋଗକାରୀ / ଏତଲାକାରୀ-

(କ) ନାମ :

(ଖ) ବାପା / ସ୍ୱାମୀଙ୍କ ନାମ :

(ଗ) ଜନ୍ମ ତାରିଖ ........ ବର୍ଷ .........

(ଘ) ଜାତୀୟତା :

(ଙ) ଠିକଣା :

୭. ଜଣା / ଅଜଣା / ସନ୍ଦେହାଧୀନ ଅଭିଯୁକ୍ତ ସମ୍ବନ୍ଧରେ ସବିଶେଷ ସୂଚନା :

୮. ଅଭିଯୋଗକାରୀ/ଏତଲାକାରୀଙ୍କ ଦ୍ୱାରା ଏତଲା ଦେବାରେ ବିଳମ୍ବର କାରଣ :

୯. ଚୋରୀ ହୋଇଥିବା ବା ସମ୍ପୃକ୍ତ ସମ୍ପତ୍ତି ସମ୍ବନ୍ଧରେ ସବିଶେଷ ବର୍ଣ୍ଣନ :
(ଆବଶ୍ୟକ ପଡିଲେ ଅତିରିକ୍ତ କାଗଜ ଯୋଡନ୍ତୁ)

୧୦. ହଜିଥିବା କିମ୍ବା ଚୋରି ହୋଇଯାଇଥିବା ସମ୍ପତ୍ତିର ମୋଟ୍ ମୂଲ୍ୟ :

୧୧. ଅସ୍ୱାଭାବିକକ ମୃତ୍ୟୁର ମାମଲା, ପଞ୍ଚନାମା :

୧୨. ଏଫ୍.ଆଇ.ଆର୍.ର ବିଷୟବସ୍ତୁ, ଯଦି ଦରକାର ପଡ଼େ କାଗଜ ଯୋଡନ୍ତୁ :

୧୩. ଉଲ୍ଲିଖିତ ଏତଲା ଭିତ୍ତିରେ ତଦନ୍ତ ଆରମ୍ଭ ହୋଇଯାଇଛି/ ତଦନ୍ତ ପାଇଁ ଆଦେଶ ଦିଆଯାଇଛି, ସେହି ମାମଲାର ଯାହାକି ପଞ୍ଜିକୃତ ହୋଇଛି ଦଫା. . . . . . . .... ରେ । ମାମଲାଟି . . . . . . . . . . . . . . . . . ଥାନାକୁ ତଦନ୍ତ ପାଇଁ ସ୍ଥାନନ୍ତରଣ କରାଯାଇଛି

ଏତଲାଟିକୁ ବଡ ପାଟିରେ ଅଭିଯୋଗକାରୀ/ଏତଲାକାରୀଙ୍କୁ ପଢ଼ାଇ ଶୁଣାଇ ଦିଆଯାଇଛି ଏବଂ ସେ ଏହା ଠିକ୍ ଅଛି ବୋଲି କହିବା ପରେ ସେହି ବ୍ୟକ୍ତିଙ୍କୁ ଏହାର ଏକ ଅବିକଳ ନକଲ ମାଗଣାରେ ପ୍ରଦାନ କରାଗଲା ।

ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାକ୍ଷର

ନାମ :

ପଦବୀ :

ନମ୍ବର (ଯଦି ଥାଏ) :

ଅଭିଯୋଗକାରୀ/ ଏତଲାକାରୀ ଙ୍କ ଦସ୍ତଖତ / ଟିପଚିହ୍ନ . . . . . .

## ସହାୟକ କର୍ମୀମାନଙ୍କ ଜାଣିବା ପାଇଁ କେତେକ ଜରୁରୀ କଥା :

ମାମଲାଟି କେଉଁ ଦଫାରେ ରଜୁ ହେଲା ? ଏହି ଦଫାର ବିଶଦ୍ ବିବରଣୀ ଏବଂ ଏହା ପ୍ରଯୁଜ୍ୟ କି ନା ?, ଏ ବିଷୟରେ ସତର୍କ ରହିବା ଜରୁରୀ, କାରଣ ଏକ ମକଦ୍ଦମାର ସଫଳତା ନିର୍ଭର କରୁଛି ସଠିକ୍ ଦଫାରେ ଏହା ରଜୁ ହୋଇଛି କି ନାହିଁ, ତାହା ଉପରେ । ଧରନ୍ତୁ ଯୌତୁକ ଜନିତ ହତ୍ୟା ମାମଲାଟି ଭାରତୀୟ ଦଣ୍ଡବିଧି ସଂହିତା (ଆଇ.ପି.ସି.)ର ଦଫା ୩୦୪(ବି) ଅଧୀନରେ ରଜୁ ହେବା କଥା, କିନ୍ତୁ ଅପରାଧୀକୁ ସାହାଯ୍ୟ କରିବା ବା ମାମଲାଟିକୁ ଦୁର୍ବଳ କରିଦେବା ମତଲବ୍ ରଖି ଏହାକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୭୬ ଅଧୀନରେ ଥାନାବାଲା ଦରଜ କରିଦେଇପାରନ୍ତି, କାରଣ ଏହି ଦଫାଟି 'ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ' କ୍ଷେତ୍ରରେ ଲାଗୁ ହୋଇଥାଏ । ଥାନାବାଲାଙ୍କର ଏପ୍ରକାର ଏପଟସେପଟ କରିବାର ଅପଚେଷ୍ଟାକୁ ଆମେ ବିରୋଧ କରିବା ଦରକାର । ଯଦି ଆମେ ପ୍ରଥମରୁ ଦଫା ବିଷୟରେ ସତର୍କ ରହିପାରିବା, ତେବେ ଅପରାଧୀକୁ ନ୍ୟାୟାଳୟରେ ଦଣ୍ଡିତ କରିପାରିବା ସମ୍ଭାବନା ଅଧିକ ରହିବ ।

## ଅଭିଯୁକ୍ତ ଓ ଅପରାଧୀ ମହିଳାର ଅଧିକାର

ଆମର ବିଧିବ୍ୟବସ୍ଥାରେ ଅଭିଯୁକ୍ତ ବ୍ୟକ୍ତି, ବିଶେଷ କରି ମହିଳା ଅଭିଯୁକ୍ତଙ୍କ ମର୍ଯ୍ୟାଦା ରକ୍ଷା ଉଦ୍ଦେଶ୍ୟରେ କେତେକ ନିୟମାବଳୀ ସ୍ଥାନିତ ହୋଇଛି । କିନ୍ତୁ ଲୋକେ ଏବିଷୟରେ ସଚେତନ ନଥିବାରୁ ପୋଲିସ୍ ଏବଂ ପ୍ରଶାସକ ମାନଙ୍କଠାରୁ ସେମାନେ ବିଭିନ୍ନ ପ୍ରକାର ଅମର୍ଯ୍ୟାଦାପୂର୍ଣ୍ଣ ଅଥଚ ବେଆଇନ୍ ଆଚରଣର ଶୀକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଆଇନ୍‌ରେ ଅଛି ଯେ, ମହିଳାମାନଙ୍କୁ କେବଳ ଦିନବେଳା ଗିରଫ କରାଯାଇ ପାରିବ ଏବଂ ରାତ୍ରକାଳରେ ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ କି ଥାନାକୁ ନିଆଯାଇ ପାରିବ ନାହିଁ । ପୁଣି ତଦନ୍ତ ସମୟରେ ପୋଲିସ୍ ଅନ୍ୟମାନଙ୍କୁ ଥାନାରେ ହାଜର୍ ହେବା ପାଇଁ ଡାକି ପାରନ୍ତି, କିନ୍ତୁ ଏଥିପାଇଁ ଜଣେ ମହିଳାଙ୍କୁ ଥାନାକୁ ଡକାଯାଇ ପାରିବ ନାହିଁ । ଏହାଛଡା ଜଣେ ସାଧାରଣ ଅଭିଯୁକ୍ତ, ସେ ପୁରୁଷ ବା ମହିଳା ହୁଅନ୍ତୁ, ତାଙ୍କ ସହିତ

ପୋଲିସ୍ ଆଚରଣ କଲାବେଳେ ନିମ୍ନୋକ୍ତ ନୀତିନିୟମର ଅନୁପାଳନ କରିବେ ।

୧) ଗିରଫ କରିବାକୁ ଆସିଥିବା ପୋଲିସ୍ ଅଧିକାରୀ ଖାକି ପୋଷାକ ପିନ୍ଧିଥିବେ ଏବଂ ତାଙ୍କର ନାମ ଏବଂ ବ୍ୟାଜ୍ ସୁଦୃଶ୍ୟ ହେଉଥିବ।

୨) ଜଜ୍‌ଙ୍କ ବିନାନୁମତିରେ ଅଭିଯୁକ୍ତଙ୍କୁ ହାତକଡ଼ି ପିନ୍ଧାଯିବ ନାହିଁ ।

୩) ଗିରଫ କରିବାର କାରଣ ଦର୍ଶାଇବାକୁ ପୋଲିସ ବାଧ୍ୟ ଏବଂ ଅଭିଯୁକ୍ତଙ୍କୁ ତାଙ୍କର ଓକିଲ ସହ ପରାମର୍ଶ ପାଇଁ ଅନୁମତି ଦିଆଯିବ।

୪) ଯେଉଁ ବ୍ୟକ୍ତି ଜାମିନ୍‌ଦାର ହେବାକୁ ଚାହିଁବେ, ସେ ତାଙ୍କର ବେତନ ଚିଠା ଓ ରେସନ କାର୍ଡ ଇତ୍ୟାଦିକୁ ପ୍ରାମାଣିକ ଦଲିଲ୍ ରୂପେ ଦେଖାଇ ପାରିବେ।

୫) ଯଦି ଜାମିନ୍ ମିଳିଲା ନାହିଁ ଏବଂ ତାଙ୍କର ଜେଲ୍‌ଦଣ୍ଡର ସୀମା ୧୦ ବର୍ଷରୁ କମ୍ , ତେବେ ୬୦ ଦିନ ମଧ୍ୟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ କରିବାକୁ ହେବ।

୬. ଯଦି ଜେଲ୍‌ଦଣ୍ଡର ସମୟସୀମା ୧୦ ବର୍ଷରୁ ଅଧିକ, ତେବେ ଅଭିଯୋଗ ଫର୍ଦ୍ଦ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ।

୭. ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦେବା ଆଇନ୍-ସମ୍ମତ ନୁହେଁ।

୮. ଜଜ୍‌ଙ୍କ ବିନାନୁମତିରେ ଗିରଫ କରାଯାଇଥିବା ବ୍ୟକ୍ତିଙ୍କୁ ନିଃସଂଗ ଭାବେ ଅବରୁଦ୍ଧ କରି ରଖାଯାଇ ପାରିବ ନାହିଁ, କିମ୍ବା ତାଙ୍କୁ କଠିନ ପରିଶ୍ରମ କରିବାକୁ ବାଧ କରାଯିବ ନାହିଁ, କିମ୍ବା ତାଙ୍କୁ ଗୋଟିଏ ଜେଲ୍‌ଖାନାରୁ ଅନ୍ୟ ଜେଲ୍‌ଖାନାକୁ ସ୍ଥାନାନ୍ତର କରାଯିବ ନାହିଁ କିମ୍ବା ତାଙ୍କ ଖାଦ୍ୟପେୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।

୯. ହାଜତରେ ଥିବା ସମୟରେ ଅପରାଧ ସ୍ୱୀକାର କରିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଯଦି ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦିଆଯାଉଥାଏ, ତେବେ ସେହି ସୂଚନାକୁ ତତ୍‌କ୍ଷଣାତ୍ ସଂପୃକ୍ତ ଜଜ୍‌ଙ୍କୁ ଅବଗତ କରାଇବା ଉଚିତ୍ ।

୧୦. ପୋଲିସ୍ ଦ୍ୱାରା ମକଦମା ଦାୟର ହେବା ସମୟରେ ଯେଉଁ ସବୁ ସାକ୍ଷ୍ୟପ୍ରମାଣକୁ ପୋଲିସ୍ ବ୍ୟବହାର କରିଥାଏ, ସେଗୁଡ଼ିକୁ ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର କରନ୍ତି ।

୧୧. ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରିବାକୁ ପଡ଼ିବ; ଯଦି ନ କରାଯାଏ, ତେବେ ମାଜିଷ୍ଟ୍ରେଟ୍‌ଙ୍କୁ ଏକଥା ଜଣାଇବାକୁ ପଡ଼ିବ।

୧୨. କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ ଅନୁଯାୟୀ ୧୮ ବର୍ଷରୁ କମ୍ ବୟସର କିଶୋର ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ବୟସ୍କ ବନ୍ଦୀଙ୍କ ସହ ଏକାଠି ରହିବାକୁ ଦିଆଯିବ ନାହିଁ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ ଗୃହରେ ସେମାନଙ୍କୁ ରଖାଯିବ ।

୧୩. ଜେଲ୍‌ରେ ଥିବା ସମୟରେ ଅନ୍ୟମାନଙ୍କ ପାଖକୁ ପତ୍ର ଲେଖିବା ଓ ସେମାନଙ୍କ ଠାରୁ ପତ୍ର ପାଇବାର ଅଧିକାର ଅଭିଯୁକ୍ତଙ୍କର ଅଛି । ନିଜ ପରିବାରର ଲୋକ ଓ ବନ୍ଧୁବାନ୍ଧବଙ୍କୁ ସାକ୍ଷାତ କରିବା ତଥା ବହିପତ୍ର ଓ ଖବରକାଗଜ ପଢ଼ିବାର ଅଧିକାର ଅଭିଯୁକ୍ତଙ୍କର ରହିଛି ।

୧୪. ହାଜତରେ ଥିବା ସମୟରେ ଆବଶ୍ୟକ ମତେ ଚିକିତ୍ସା ସହାୟତା ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର ଅଟନ୍ତି ।

୧୫. କୌଣସି ଅପରାଧରେ ଦଣ୍ଡିତ ହୋଇ ଜେଲ୍ ଭୋଗୁଥିବା ଜଣେ ବ୍ୟକ୍ତି ପାରୋଲ୍ (ମୌଖିକ ଅଙ୍ଗୀକାର) ବଳରେ ଖଲାସ ହୋଇପାରନ୍ତି, ଯଦି ଆଇନତଃ ସେହି ଅପରାଧ ପାଇଁ ପାରୋଲ୍ ମିଳୁଥାଏ । କିନ୍ତୁ ପାରୋଲ୍ ସମୟ ଗଡିଯିବା ପରେ ସେହି ବ୍ୟକ୍ତି ପୁଣି ଜେଲ୍‌ରେ ନିଜକୁ ହାଜର କରାଇବେ ।

## ଫୌଜଦାରି କାର୍ଯ୍ୟବିଧିରେ ଜଣେ ମହିଳା ଅପରାଧୀର ଅଧିକାରସମୂହ:

ଜଣେ ବ୍ୟକ୍ତି ଅପରାଧୀ ହେଲେ ମଧ୍ୟ ପୋଲିସ୍ ଦ୍ୱାରା ଏବଂ ନ୍ୟାୟାଳୟରେ ତାଙ୍କ ପ୍ରତି ଯଥେଚ୍ଛା ବ୍ୟବହାର କରାଯାଇ ପାରିବନି ଏବଂ ଅପରାଧୀ ଜଣକ ଯଦି ମହିଳା ହୋଇଥାନ୍ତି, ତେବେ ତାଙ୍କ ପ୍ରତି କେତେକ ଅତିରିକ୍ତ ସତର୍କତା ଓ ଶାଳୀନତା ପ୍ରଦର୍ଶନ କରାଯିବ । ବିଶେଷ କରି ପୋଲିସ୍ ଦ୍ୱାରା ଜଣେ ମହିଳାମାନଙ୍କୁ ଗିରଫ, ଅଟକ, ତଲାସି, ଜାମିନ୍ ଓ ଖଲାସ୍ ଇତ୍ୟାଦି କରାଯାଉଥିବା ବେଳେ ସେମାନଙ୍କୁ ଦିଆଯାଇଥିବା ସୁରକ୍ଷା ଏବଂ ଅଧିକାରଗୁଡିକର ଅନୁପାଳନ କରିବାକୁ । ଇଂରେଜମାନେ ପ୍ରଥମେ ୧୮୯୮ରେ ଆମଦେଶ ପାଇଁ ଯେଉଁ ଫୌଜଦାରି କାର୍ଯ୍ୟବିଧି ସଂହିତା ପ୍ରଣୟନ କରିଥିଲେ ସେଥିରେ ମଧ୍ୟ ମହିଳା ଅପରାଧୀମାନଙ୍କ କ୍ଷେତ୍ରରେ କେତେକ ସତନ୍ତ୍ର ପ୍ରାବଧାନ ପ୍ରଯୁଜ୍ୟ ହେବ ବୋଲି କୁହାଯାଇଥିଲା । କିନ୍ତୁ ୧୯୭୩ରେ ସଂସଦ ଦ୍ୱାରା ଗୃହୀତ ସଂଶୋଧନ ପରେ ଆହୁରି କେତେକ ପ୍ରାବଧାନ ଯୋଡାଗଲା । ବର୍ତ୍ତମାନ ଏହି ସଂହିତାକୁ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ ବୋଲି କୁହାଯାଉଛି । ଏହାପରେ ୨୦୦୫ ମସିହାରେ ଏହି ସଂହିତାର ଆଉ ଏକ କେନ୍ଦ୍ରୀୟ ସଂଶୋଧନ କରାଯାଇ ମହିଳା ଓ ନାବାଳକ ଅପରାଧୀ ମାନଙ୍କ ପାଇଁ ଆହୁରି ଅଧିକ ନୂଆ ପ୍ରାବଧାନ ସ୍ଥାନିତ ହୋଇଛି । ଉଲ୍ଲେଖନୀୟ ଯେ, ଓଡିଶାରେ ମଧ୍ୟ ୧୯୯୭ରେ ଏହି ସଂହିତାର ଏକ ସଂଶୋଧନ ଗୃହୀତ ହୋଇଥିଲ, କିନ୍ତୁ ଏହା କେବଳ ମହିଳାମାନଙ୍କ ସଂପର୍କୀତ ନହୋଇ ଏକ ସାଧାରଣ ସଂଶୋଧନ ଥିଲା । ବଡ କ୍ଷୋଭର କଥା, ଫୌଜଦାରି କାର୍ଯ୍ୟବିଧି ସଂହିତାରେ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧରେ ଥିବା ପ୍ରାବଧାନଗୁଡିକ ବିଷୟରେ ସାଧାରଣ ମହିଳାମାନେ ସଚେତନ ନଥିବାରୁ ବହୁ କ୍ଷେତ୍ରରେ ପୋଲିସ୍ କର୍ମଚାରୀମାନେ ସେମାନଙ୍କୁ ପୁରୁଷ ଅପରାଧୀ ଭଳି ବ୍ୟବହାର କରିଥାନ୍ତି, ଯାହାକି ସଂପୂର୍ଣ୍ଣ ବେଆଇନ୍ ଅଟେ । ବର୍ତ୍ତମାନ ଆମେ ଆଲୋଚନା କରିବା, ଏହି ସଂହିତାର ବିଭିନ୍ନ ଦଫାରେ ଜେଉଁସବୁ ଅଧିକାର ଓ ସୁରକ୍ଷା ଦିଆଯାଇଛି, ଯାହା ବଳରେ ଜଣେ ମହିଳା ଅପରାଧୀ ସଂପୃକ୍ତ ପୋଲିସ୍ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସଭ୍ୟ ଏବଂ ମାର୍ଜିତ ବ୍ୟବହାର ତଥା ସତନ୍ତ୍ର ସୁବିଧାସୁଯୋଗ ଦାବୀ କରିପାରିବେ ।

## ଦଫା-୪୬. ଗିରଫ ବେଳେ ଅଧିକାର -

କେବଳ ଅସାଧାରଣ ପରିସ୍ଥିତି ବ୍ୟତିରେକ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରା ଯାଇପାରିବ ନାହିଁ, ଏବଂ ଯେଉଁ ସ୍ଥଳେ ଅସାଧାରଣ ପରିସ୍ଥିତି ଦେଖାଦେବ, ସେପରି ସ୍ଥଳେ ଜଣେ ମହିଳା ପୋଲିସ୍ ଅଧିକାରୀ ସଂପୃକ୍ତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଗ୍ରୀମ ଅନୁମତି ଆଣି ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିପାରିବେ ।

## ଦଫା-୪୭. ଗିରଫ ହେବାକୁ ଥିବା ବ୍ୟକ୍ତି ପ୍ରବେଶ କରିଥିବା ସ୍ଥାନକୁ ତଲାସି କରାଯିବା-

ଯଦି ଗିରଫ ହେବାକୁ ଥିବା ଜଣେ ବ୍ୟକ୍ତି ଏଭଳି ଏକ ବାସଗୃହରେ ପ୍ରବେଶ କରିଥାନ୍ତି, ଯାହାକି ଜଣେ ମହିଳାଙ୍କର ପ୍ରକୃତ ଭୋଗଦଖଲ ଅଧୀନରେ ଥାଏ ଏବଂ ସେହି ମହିଳା ପରମ୍ପରା ଅନୁଯାୟୀ ବାହାରେ ଆତଯାତ କରନ୍ତି ନାହିଁ, ତେବେ ସେହି ଗୃହରେ ପ୍ରବେଶ କରିବା ପୂର୍ବରୁ ସଂପୃକ୍ତ ପୋଲିସ୍ ଅଧିକାରୀ ପ୍ରଥମେ ସେହି ମହିଳାଙ୍କୁ ଘରୁ ବାହାରି ଆସିବା ପାଇଁ ବିଜ୍ଞପ୍ତି କରିବେ ତଥା ସେହି ମହିଳାଙ୍କୁ ବାହାରି ଆସିବା ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ।

## ଦଫା-୫୦. ଗିରଫ ବ୍ୟକ୍ତିଙ୍କୁ ଗିରଫର କାରଣ ଓ ଜାମିନ୍ ପାଇଁ ଅଧିକାର ସମ୍ବନ୍ଧରେ ଅବଗତ କରାଇବା-

କୋଣସି ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରୁଥିବା ପ୍ରତି ପୋଲିସ୍ ଅଧିକାରୀ ବା ବ୍ୟକ୍ତି ସେ ଯେଉଁ ଅପରାଧ ପାଇଁ ଗିରଫ ହେଉଛନ୍ତି ତହିଁର ସମୁଦାୟ ତଥ୍ୟାବଳୀ ବା ଉକ୍ତ ଗିରଫ ପଛରେ ଥିବା ଅନ୍ୟ କାରଣଗୁଡ଼ିକ ସମ୍ବନ୍ଧରେ ତତ୍‌କ୍ଷଣାତ୍ ତାଙ୍କୁ ଅବଗତ କରାଇବେ। ଯେଉଁ ସ୍ଥଳେ ଜଣେ ପୋଲିସ୍ ଅଧିକାରୀ ଏଭଳି ଜଣେ ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରିଥାନ୍ତି, ଯେ କି ଜାମିନ୍-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇନଥିବେ, ସେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସୂଚନା ଦେବେ ଯେ, ସେ ଜାମିନ୍‌ରେ ଖଲାସ୍ ହେବା ପାଇଁ ହକ୍‌ଦାର ତଥା ସେ ତାଙ୍କ ପାଇଁ ଜାମିନ୍‌ଦାର ଯୋଗାଡ କରିପାରନ୍ତି।

## ଦଫା-୫୦ଏ. ଗିରଫ ଇତ୍ୟାଦି ସମ୍ବନ୍ଧରେ ମନୋନୀତ ବ୍ୟକ୍ତିଙ୍କୁ ଜଣାଇବା ଗିରଫକାରୀ ବ୍ୟକ୍ତିଙ୍କର ଦାୟିତ୍ୱ-

ଏହି ସଂହିତା ଅଧୀନରେ ଗିରଫ କରୁଥିବା ପ୍ରତ୍ୟେକ ପୋଲିସ୍ ଅଧିକାରୀ ଉକ୍ତ ଗିରଫ ତଥା ଯେଉଁଠି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ରଖାଯାଇଛି, ସେ ସ୍ଥାନ ସମ୍ବନ୍ଧରେ ସୂଚନା ତାଙ୍କର କୌଣସି ବନ୍ଧୁ, ସଂପର୍କୀୟ ବା ଅନ୍ୟ ଏଭଳି କୌଣସି ବ୍ୟକ୍ତିଙ୍କୁ ତତ୍‌କ୍ଷଣାତ୍ ପ୍ରଦାନ କରିବେ, ଯାହାଙ୍କ ନାମ ଗିରଫ ହୋଇଥିବା ବ୍ୟକ୍ତି ଉକ୍ତ ସୂଚନା ପଠାଇବା ଉଦ୍ଦେଶ୍ୟରେ ପ୍ରକଟ କରିଥିବେ। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ୍ ଥାନାକୁ ଅଣାଯିବା ସଙ୍ଗେସଙ୍ଗେ ପୋଲିସ୍ ଅଧିକାରୀ ତାଙ୍କୁ ତାଙ୍କର ଅଧିକାରଗୁଡ଼ିକ ବିଷୟରେ ସୂଚନା ଦେବେ। ଉକ୍ତ ବ୍ୟକ୍ତିଙ୍କର ଗିରଫ ବିଷୟରେ କାହାଙ୍କୁ ସୂଚନା ଦିଆଯାଇଛି, ସେ ବିଷୟରେ ପୋଲିସ୍ ଥାନାରେ ରଖାଯାଇଥିବା ଏକ ଖାତାରେ ବିହିତ ପ୍ରଣାଳୀରେ ଲେଖା ଦରଜ କରାଯିବ। ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଉକ୍ତ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ହାଜର କରାଯିବ, ସେହି ମାଜିଷ୍ଟ୍ରେଟ୍ ଗିରଫ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପୋଲିସ୍ ଏତାଦୃଶ ଦାୟିତ୍ୱ ପାଳନ କରିଛି କି ନାହିଁ, ତାହା ହୃଦ୍‌ବୋଧ କରିବେ।

## ଦଫା-୫୧. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ତଲାସି-

ଯେଉଁସ୍ଥଳେ ଜଣେ ମହିଳାଙ୍କୁ ତଲାସି କରାଯିବା ଆବଶ୍ୟକ ପଡିବ, ସେପରି ସ୍ଥଳେ ଶାଳୀନତା ପ୍ରତି କଠୋର ଧ୍ୟାନପ୍ରଦାନ ପୂର୍ବକ ତାଙ୍କୁ ଅନ୍ୟ ଜଣେ ମହିଳାଙ୍କ ଦ୍ୱାରା ତଲାସି କରାଯିବ।

## ଦଫା-୫୩. ପୋଲିସ୍ ଅଧିକାରୀଙ୍କ ଅନୁରୋଧ କ୍ରମେ ଅଭିଯୁକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-

ଯେଉଁ ସ୍ଥଳେ ଏହି ଦଫା ଅଧୀନରେ ଜଣେ ମହିଳାଙ୍କର ଶରୀର ପରୀକ୍ଷା କରାଯିବ, ସେପରି ସ୍ଥଳେ ଜଣେ ପଞ୍ଜିକୃତ କାର୍ଯ୍ୟରତ ଡାକ୍ତର, ଯେ କି ଜଣେ ମହିଳା ହୋଇଥିବେ, ତାଙ୍କ ଦ୍ୱାରା ବା ତାଙ୍କ ତତ୍ତ୍ୱାବଧାନରେ ଏହା କରାଯିବ।

## ଦଫା-୫୪. ଗିରଫ ହୋଇଥିବା ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ତାଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-

ଗିରଫ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କଲାବେଳେ ଅଥବା ହାଜତରେ ଅଟକ ଥିବା ଭିତରେ ସେ ଯଦି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଫେରାଦ୍ ହୁଅନ୍ତି ଯେ, ତାଙ୍କ ଶରୀରକୁ ପରୀକ୍ଷା କରାଗଲେ ସେଥିରୁ ପ୍ରାପ୍ତ ପ୍ରମାଣ ବଳରେ ସେ ଅପରାଧ ଘଟାଇଛନ୍ତି ବୋଲି ଆଗତ ଅଭିଯୋଗଟି ଅସିଦ୍ଧ ହୋଇଯିବ, ଅଥବା ତାଙ୍କ ବିରୁଦ୍ଧରେ ଆଉ ଜଣେ ବ୍ୟକ୍ତି ଅପରାଧ ଘଟାଇଥିବାର ତଥ୍ୟକୁ ସାବ୍ୟସ୍ତ କରିଦେବ, ଏବଂ ପୁଣି ଯଦି ମାଜିଷ୍ଟ୍ରେଟ୍ ବିବେଚନା କରନ୍ତି ଯେ, ଏଭଳି ଏକ ଫେରାଦ୍ ଜଟିଳତା ସୃଷ୍ଟି ଅଥବା କାଳକ୍ଷେପଣ ଅଥବା ନ୍ୟାୟବିଚାରର ଉଦ୍ଦେଶ୍ୟକୁ ପଣ୍ଡ କରିଦେବା ପାଇଁ ଅଭିପ୍ରେତ ନୁହେଁ, ତେବେ ସେ ଏପରି ଗିରଫ ହୋଇଥିବା ବ୍ୟକ୍ତିଙ୍କର ଅନୁରୋଧ କ୍ରମେ ତାଙ୍କର ଶରୀରକୁ ଜଣେ ପଞ୍ଜିକୃତ କାର୍ଯରତ ୟଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବେ। ଯେଉଁସ୍ଥଳେ ଉପରୋକ୍ତ ମତେ ଗୋଟିଏ ପରୀକ୍ଷା କରଯାଇଥାଏ, ଉକ୍ତ ପରୀକ୍ଷାର ବିବରଣୀର ଏକ ନକଲ ପରୀକ୍ଷାକାରୀ ଡାକ୍ତରଙ୍କ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ନତୁବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯିବ।

## ଦଫା-୫୬. ଗିରଫ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍ ବା ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାମନାରେ ହାଜର-

କୌଣସି ପୋଲିସ୍ ଅଧିକାରୀ ବିନା ପରୱାନାରେ ଗିରଫ କଲେ, ସେ ଅନାବଶ୍ୟକ ବିଳମ୍ବ ନକରି ଓ ଏହି ସଂହିତାରେ ଥିବା ଜାମିନ୍-ସଂକ୍ରାନ୍ତ ପ୍ରାବଧାନଗୁଡିକର ସାପେକ୍ଷତା ଅଧୀନରେ ରହି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସଂପୃକ୍ତ ମାମଲାରେ କ୍ଷେତ୍ରାଧିକାର ଥିବା ଜଣେ ମାଜିଷ୍ଟ୍ରେଟ୍ ଅଥବା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ନେଇଯିବେ ବା ପଠାଇଦେବେ।

## ଦଫା-୭୦. ଗିରଫ ପରୱାନାର ପ୍ରରୂପ ଓ କାଳାବଧି-

ଅଦାଲତ ଦ୍ୱାରା ଜାରି କରାଯାଉଥିବା ପ୍ରତି ଗିରଫ ପରୱାନା ଲିଖିତ ଆକାରରେ ଅଦାଲତର ପିଠାସୀନ ଅଧିକାରୀଙ୍କ ଦ୍ୱାରା ସାକ୍ଷରିତ ତଥା ଅଦାଲତର ମୋହର-ଯୁକ୍ତ ହୋଇଥିବ।

## ଦଫା-୭୧. ଜାମିନ୍ ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା-

ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ପରଓ୍ୱାନା ଜାରି କରୁଥିବା କୌଣସି ଅଦାଲତ ନିଜେ ଉଚିତ୍ ମନେ କରୁଥିବା ମତେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଖଲାସ ହେବା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଏହି ନିର୍ଦ୍ଦେଶରେ ଏହିସବୁ ତଥ୍ୟ ସୂଚୀତ ହୋଇଥିବ, ଯଥା କେତେ ସଂଖ୍ୟକ ଜାମିନ୍‌ଦାର ଆବଶ୍ୟକ; ଜାମିନ୍‌ଦାରମାନେ କେତେ ପରିମାଣର ଅର୍ଥରାଶି ଦାଖଲ କରିବେ ତଥା କେଉଁ ସମୟରେ ଗିରଫ ହୋଇଥିବା ବ୍ୟକ୍ତି ଅଦାଲତ୍‌ଙ୍କ ସାମନାରେ ହାଜର୍ ହେବେ।

## ଦଫା-୭୫. ଗିରଫ ପରଓ୍ୱାନାର ସାରାର୍ଥକୁ ବିଜ୍ଞପ୍ତି କରିବା-

ଗିରଫ ପରଓ୍ୱାନାକୁ କାର୍ଯ୍ୟକାରୀ କରୁଥିବା ପୋଲିସ୍ ଅଧିକାରୀ ପରଓ୍ୱାନାର ସାରାର୍ଥକୁ ଗିରଫ ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ବିଜ୍ଞପ୍ତି କରିବେ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ପରଓ୍ୱାନା ଦେଖାଇବେ।

## ଦଫା-୭୬. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅବିଳମ୍ବେ ଅଦାଲତଙ୍କ ସାମନାକୁ ଅଣାଯିବା –

ସଂପୃକ୍ତ ପୋଲିସ୍ ଅଧିକାରୀ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅନାବଶ୍ୟକ ବିଳମ୍ବ ନକରି ଅଦାଲତଙ୍କ ସାମନାରେ ହାଜର କରାଇବେ, ଏବଂ ଗିରଫ ସ୍ଥାନଠାରୁ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପର୍ଯ୍ୟନ୍ତ ଗସ୍ତ ପାଇଁ ଯେତିକି ସମୟ ଆବଶ୍ୟକ, ତାକୁ ଛାଡି ଏପରି ବିଳମ୍ବ କୌଣସି ପରିସ୍ଥିତିରେ ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱ ହେବନାହିଁ।

## ଦଫା-୧୦୦. ମହିଳାଙ୍କ ସ୍ଥାନ ବା ଶରୀର ତଲାସି ବେଳେ-

ଯଦି ଜଣେ ମହିଳା ନିଜ ସ୍ଥାନ ଆଖପାଖରେ ବା ନିଜ ଶରୀରରେ କୌଣସି ଏକ ବସ୍ତୁକୁ ଲୁଚାଇ ରଖିଛନ୍ତି ବୋଲି ଯଥାର୍ଥ ସନ୍ଦେହ ଉପୁଜିବ, ଏବଂ ତାଙ୍କୁ ତଲାସ୍ କରାଯିବ, ତେବେ ଶାଳୀନତା ପ୍ରତି କଠୋର ଧ୍ୟାନ ଦିଆଯିବ ସହିତ ଅନ୍ୟ ଜଣେ ମିହିଳାଙ୍କ ଦ୍ୱାରା ତାଙ୍କର ତଲାସି ନିଆଯିବ।

## ଦଫା-୧୬୦. ମହିଳା ଓ ନାବାଳକ ସାକ୍ଷୀମାନଙ୍କୁ ହାଜର କରାଇବା କ୍ଷେତ୍ରରେ କଟକଣା-

ଜଣେ ତଦନ୍ତକାରୀ ପୋଲିସ୍ ଅଧିକାରୀ  ପନ୍ଦର ବର୍ଷରୁ କମ୍ ବୟସର ଗୋଟିଏ ପୁଅ ପିଲା କିମ୍ବା କୌଣସି ଜଣେ ମହିଳାଙ୍କୁ ସେମାନେ ବାସ କରୁଥିବା ସ୍ଥାନ ବ୍ୟତିରେକ ଅନ୍ୟ ସ୍ଥାନରେ ସାକ୍ଷ୍ୟ ଦେବା ପାଇଁ  ହାଜର୍ ହେବାକୁ ବାଧ୍ୟ କରିପାରିବେ ନାହିଁ।

## ହାତକଡି ପକାଇବା ଉପରେ ସୁପ୍ରିମ୍ କୋର୍ଟଙ୍କ କଟକଣା -

ଗିରଫ ହୋଇଥିବା ବ୍ୟକ୍ତିକୁ ଥାନା ବା ଜେଲ୍‌ରୁ ଅଦାଲତକୁ ବା ଅଦାଲତରୁ ହାଜତ୍ ବା ଜେଲ୍‌କୁ ନେବା ଆଣିବା ବେଳେ ତାଙ୍କୁ ହାତକଡି ପକାଇବା ସାଧାରଣତଃ ଅନୁଚିତ୍। କେବଳ କେତେକ ସତନ୍ତ୍ର ସ୍ଥଳରେ ଲିଖିତ କାରଣ ଦର୍ଶାଇ ହାତକଡି ପକାଯାଇପାରେ ; ଯଥା, ଅପରାଧୀ ଜଣକ ଗୁରୁତର ଜାମିନ୍ ବିହୀନ ଅପରାଧରେ ଜଡିତ, ପୂର୍ବରୁ ଏଭଳି ଗୁରୁତର ଅପରାଧ ଘଟାଇଛନ୍ତି , ଖସିଯାଇ ପାରନ୍ତି ବା ଆତ୍ମହତ୍ୟା ପାଇଁ ଉଦ୍ୟମ କରିପାରନ୍ତି। ପୁଣି ରାଜନୈତିକ ବନ୍ଦୀମାନଙ୍କୁ ହାତକଡି ପିନ୍ଧାଇ ରାସ୍ତା ଚଲାଇଚଲାଇ ନେବା ନିଷିଦ୍ଧ ଅଟେ [ଦ୍ରଷ୍ଟବ୍ୟ: ପ୍ରେମ୍‌ଶଙ୍କର ଶୁକ୍ଳା ବନାମ ଦିଲ୍ଲୀ ପ୍ରଶାସନ , ୧୯୮୦ ଏବଂ ସୁନୀଲ୍ ବାତ୍ରା (୨) ବନାମ ଦିଲ୍ଲୀ, ୧୯୮୦ କେଶ୍‌ରେ ସୁପ୍ରିମ୍ କୋର୍ଟ୍‌ଙ୍କ ରାୟ]